● ସଡ଼କ ସୁରକ୍ଷା ମାସ ପାଳନ

## ଉପହାର ଦେଇ ସଚେତନ କଲେ ଛାତ୍ରଛାତ୍ରୀ



**ଅନୁଗୋଳ,୭ ।୧(ସମିସ):** ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଅନୁଗୋଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମର୍ପଣ ଏକାଡେମୀର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଥାନା ଛକରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ନିରୋଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ରାସ୍ତାରେ ନିୟମ ମାନି ଗାଡ଼ି ଚଳାଇବାକୁ ଚାଳକଙ୍କୁ ସଚେତନ କରିଥିଲେ। ଏଥିସହ ମଦ୍ୟପାନ କରି ଗାଡ଼ି ନ ଚଳାଇବା, ମୋବାଇଲରେ କଥା ହୋଇ ଗାଡ଼ି ନ ଚଳାଇବା, ହେଲମେଟ ପିନ୍ଧିବା, ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବାକୁ ଅନୁରୋଧ କରିଥିଲେ। ନିୟମ ମାନି ଗାଡ଼ି ଚଳାଉଥିବା ଚାଳକଙ୍କୁ ଗୋଲାପ ଫୁଲ ଏବଂ ଚକୋଲେଟ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷକ ନୀତୀଶ ଚନ୍ଦ୍ର ବେହେରା, ବରୁଣ କୁମାର ସାହୁ, ନୀହାର ରଞ୍ଜନ ସାହୁଙ୍କ ସମେତ ଆଦର୍ଶ ଥାନା ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



**ତାଳଚେର ସହର,୭ ।୧(ସମିସ):** ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଛି। ଏଥିରେ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ତାଳଚେର ବିଡିଓ ସୁଶାନ୍ତ କୁମାର ବରାଳ, ତାଳଚେର ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ଯୋଗଣ ଅଧିକାରୀ ଲିପ୍ସାରାଣୀ ରାଉତ, ସହାୟକ ଜିଲ୍ଲାପାଳ ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପିତା ମଧୁମତୀ ଦେହୁରୀ, ଉଦ୍ୟାନ ବିଭାଗ ଅଧିକାରୀ, ଏବିଇଓ, କୋଷାଗାର ଅଧିକାରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଗଣମାଧ୍ୟମ ପତିନିଧି, ସମାଜସେବୀ, ଆଇନଜୀବୀ ପ୍ରମୁଖ ଯୋଗଦେଇ ଆଗାମୀ ସାଧାରଣତନ୍ତ୍ର ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ।

## ଜରଡ଼ା ଗ୍ରାମବାସୀଙ୍କ ଖଣିବନ୍ଦ ଆନ୍ଦୋଳନ



**କଣିହାଁ,୭ ।୧(ସମିସ):** ଥଇଥାନ ସମେତ ୮ ଦଫା ଦାବିରେ କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀ ଖଣିବନ୍ଦ ଆନ୍ଦୋଳନ କରିଛନ୍ତି। ସୋମବାର ସକାଳେ ଗ୍ରାମବାସୀ କଣିହାଁ କୋଇଲାଖଣି ମୁଖ୍ୟ ଫାଟକ ସମ୍ମୁଖରେ ବସିରହି ଗାନ୍ଧିଜୀଙ୍କ ଫଟୋ ରଖି ଆନ୍ଦୋଳନ କରିଛନ୍ତି। ଫଳରେ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନସ୍ଥଳରେ କଣିହାଁ କୋଇଲା କ୍ଷେତ୍ର ମହାପ୍ରବନ୍ଧକ ନରେଶ ସିଂହ, ପ୍ରକଳ୍ପ ଅଧିକାରୀ ଶିଶିର କୁମାର ଶତପଥୀ ଓ ଅନ୍ୟ ଅଧିକାରୀ, କଣିହାଁ ତହସିଲଦାର ଚିନ୍ମୟ ଦାଶ, ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ, କଣିହାଁ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ ପହଞ୍ଚି ଆନ୍ଦୋଳନକାରୀଙ୍କୁ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ଅପରାହ୍ନରେ ତାଳଚେରରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ମାତ୍ର ଏଥିରେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ।

## ବିଶିଷ୍ଟ ଜ୍ୟୋତିର୍ବିଦ୍ ସମ୍ମାନିତ



ବଆଁରପାଳ,୭ ।୧(ସମିସ): ଭୁବନେଶ୍ୱର ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଭବନରେ ଅଷ୍ଟାଦଶ ଏସିଆନ୍ ଆଷ୍ଟ୍ରୋଲଜିକାଲ କନଫରେନ୍ସ ଦୁଇଦିନ ଧରି ଅନୁଷ୍ଠିତ ହୋଇଛି। ସଂସ୍ଥାର ଚେୟାରମ୍ୟାନ ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଆସାମ, ଗୁଜରାଟ, ବେଙ୍ଗାଲୁରୁ, ବନାରସ, ବିହାର, ନେପାଳ ଓ ଓଡ଼ିଶାର ବିଶିଷ୍ଟ ଜ୍ୟୋତିର୍ବିଦ୍ ଯୋଗଦେଇଥିଲେ। ଓଡ଼ିଶାର ବୟୋଜ୍ୟେଷ୍ଠ ଜ୍ୟୋତିର୍ବିଦ ସୋମନାଥ ଧଳ ଯୋଗଦେଇ ଭାରତ ଭବିଷ୍ୟତ ଉପରେ କହିଥିଲେ। ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟ ଓ ମହେନ୍ଦ୍ର ନାଥ ତାଙ୍କୁ ଜ୍ୟୋତିଷ ସିଦ୍ଧାନ୍ତ ଶିରମଣି ଉପାଧି ପ୍ରଦାନ କରିବା ସହ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ଧଳଙ୍କ ଜନ୍ମସ୍ଥାନ କଟକ ନରସିଂହପୁର ହୋଇଥିବା ବେଳେ ଅନୁଗୋଳ ଜିଲ୍ଲାରେ ସେ ଦୀର୍ଘଦିନ ଶିକ୍ଷକତା କରି ଅବସର ଗ୍ରହଣ କରିବା ପରେ ବର୍ତ୍ତମାନ ବଆଁରପାଳ ବ୍ଲକ ଗୋତମରାଠାରେ ସ୍ଥାୟୀ ଭାବେ ରହୁଛନ୍ତି।

## ନଈରେ କୁମ୍ଭୀର ଆତଙ୍କ

କିଶୋରନଗର,୭ ।୧(ସମିସ): ହିମିତିରା ନଈର ସଙ୍ଗମ ଝିମେଇଠାରେ ମଙ୍ଗଳବାର ଏକ ବଡ଼ କୁମ୍ଭୀର ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ମାନଯୋର ପ୍ରକଳ୍ପରେ ମିଶିଥିବା ଘୋଷର-ରାଇବାହାଳ ନଈର ଝାମ୍ପୁଲୀ ଝିମେଇଠାରେ ଲୋକେ କୁମ୍ଭୀର ଦେଖି ଆତଙ୍କିତ ହୋଇପଡ଼ିଛନ୍ତି। ଫଳରେ ଲୋକେ ନଈକୁ ଯିବାକୁ ଭୟ କରୁଛନ୍ତି। ଏଥିପ୍ରତି ବନବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।



ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ

# 'ଦେଶର ବିକାଶରେ ପ୍ରବାସୀଙ୍କ ଅବଦାନ ଅତୁଳନୀୟ'

**ଅନୁଗୋଳ,୭ ।୧(ସମିସ)**

ସ୍ଥାନୀୟ ପୁରୁଣା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରୀବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ବିକାଶରେ ପ୍ରବାସୀ ଭାରତୀୟଙ୍କ ଅବଦାନ ଅତୁଳନୀୟ। କିଛିବର୍ଷ ପୂର୍ବେ ପ୍ରବାସୀ ଭାରତୀୟଙ୍କୁ ବ୍ରେନ-ଡ୍ରେନ ବୋଲି କୁହାଯାଉଥିବା ବେଳେ ବର୍ତ୍ତମାନ କିନ୍ତୁ ବ୍ରେନ-ଗେନ ବୋଲି ଅଭିହିତ କରାଯାଉଛି। କାରଣ ପ୍ରବାସୀ ଭାରତୀୟମାନେ କେବଳ ଅର୍ଥନୈତିକ କ୍ଷେତ୍ରରେ ନୁହେଁ ବରଂ କୂଟନୈତିକ, ରାଜନୈତିକ, ବୈଦେଶିକ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଭାରତର ସ୍ୱାର୍ଥକୁ ସର୍ବଦା ରକ୍ଷାକରି ଆସୁଛନ୍ତି ବୋଲି ମୁଖ୍ୟଅତିଥି ପ୍ରୀତିମୟ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନରେ କହିଥିଲେ। ସଭାପତି ବାରିକ ପ୍ରବାସୀ ଭାରତୀୟ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ।



ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବରିଷ୍ଠ ବର୍ଗ (ଏକାଦଶ ଓ ଦ୍ୱାଦଶ ଶ୍ରେଣୀ) ନିମନ୍ତେ ସାଧାରଣ ଜ୍ଞାନ, ସାଇକଲ ଚାଳନା, ପୋଷ୍ଟର ପ୍ରସ୍ତୁତି, ମଧ୍ୟମ ବର୍ଗ (ନବମ ଓ ଦଶମ ଶ୍ରେଣୀ) ଓ କନିଷ୍ଠ ବର୍ଗ (ଅଷ୍ଟମ ଶ୍ରେଣୀ) ନିମନ୍ତେ ପ୍ରବନ୍ଧ ଲିଖନ ଓ ପୋଷ୍ଟର ପ୍ରସ୍ତୁତି ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲାର ଛାତ୍ରଛାତ୍ରୀ, ଅଭିଭାବକ ଓ ଗାଇଡ ଶିକ୍ଷକ ସମେତ ସମୁଦାୟ ୧୫୪ ଜଣ ଅଂଶଗ୍ରହଣ କରିଥିଲେ।

କୃତୀ ପ୍ରତିଯୋଗୀଙ୍କୁ ଅତିଥି ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ। ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ୨୦ ବର୍ଷ ପରେ ବନ୍ଧୁମିଳନ

**ପାଲଲହଡ଼ା,୭ ।୧(ସମିସ):** ପାଲଲହଡ଼ା ଉପଖଣ୍ଡ ଶଙ୍ଖମୁର ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାପୀଠର ୨୦୦୫ ମାଟ୍ରିକ ବ୍ୟାଚର ସାଥୀମାନଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଦୀର୍ଘ ୨୦ ବର୍ଷ ପରେ ୩୭ ବନ୍ଧୁ ଏକାଠି ହୋଇଥିବାରୁ ଖୁସି ହେବା ସହ ସ୍କୁଲ ସମୟର ସ୍ମୃତିକୁ ମାନେ ପକାଇଥିଲେ। ୨ ଜଣ ଦିବଂଗତ ବନ୍ଧୁଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ମନୋରଞ୍ଜନ ପ୍ରଧାନ, ରଜନୀକାନ୍ତ ମହାରଣା, ମନମୋହନ ବେହେରା, ସ୍ୱପ୍ନେନ୍ଦୁ ପ୍ରଧାନ, ଶିବପ୍ରସାଦ ବେହେରା, ରମାକାନ୍ତ ସାହୁ, ବିଷ୍ଣୁ ବେହେରା, ରାଜ୍ୟଶ୍ରୀ ପ୍ରଧାନ, ରଶ୍ମିତା ମିଶ୍ର, ଦିପି ସାହୁ, ତପସ୍ୱିନୀ ମହାପାତ୍ର, ରୀନା ବିଶ୍ୱାଳ, ରେଣୁବାଳା ବେହେରା, ରଶ୍ମିତା ଦେହୁରୀ, ବିଷ୍ଣୁପ୍ରିୟା ପ୍ରଧାନ, ପୁଷ୍ପଲତା ପ୍ରଧାନ, ପ୍ରତିମା ମହାକୁଲଙ୍କ ସମେତ ସମସ୍ତଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ପୁରୁଷ ମାନସିକ ବିକାରଗ୍ରସ୍ତ ପୁନର୍ବାସ କେନ୍ଦ୍ର ନିମନ୍ତେ ଦାବି

**ଅନୁଗୋଳ,୭ ।୧(ସମିସ):** ଶିରିଡି ସାଇ ଆଇ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ୨୦୧୩ରୁ ରାଜ୍ୟର ବିଭିନ୍ନ ସ୍ଥାନରେ ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର ଓ ଥଇଥାନ ନିମନ୍ତେ କାର୍ଯ୍ୟ କରିଆସୁଛି। ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ପାଇଁ ପିପୁଲ୍ସ ଫୋରମ ମିଶନ ଆଶ୍ରା କାର୍ଯ୍ୟରତ ଥିବା ବେଳେ ପୁରୁଷଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଥିପାଇଁ ସେମାନଙ୍କୁ ଝାରସୁଗୁଡ଼ା ଜିଲ୍ଲା ସ୍ଥାନାନ୍ତର କରିବାକୁ ପଡୁଛି। ଜିଲ୍ଲାରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୁରୁଷ ମାନସିକ ବିକାରଗ୍ରସ୍ତ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଟ୍ରଷ୍ଟ ସଭାପତି ବିଦ୍ୟାଧର ନାଏକ, ସ୍ୱେଚ୍ଛାସେବୀ ଅନୁପ ପଟ୍ଟନାୟକ, ଟ୍ରଷ୍ଟ ସଂଯୋଜକ ଅଜୟ ତ୍ରିପାଠୀ, କର୍ମକର୍ତ୍ତା ଜୁଲୁ କୁମାର ସାହୁ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରିତୀମୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଏହି ସମସ୍ୟା ଉପରେ ଆଲୋଚନା କରିବା ସହ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଇବା ନିମନ୍ତେ ପଦକ୍ଷେପ ନେଇଛନ୍ତି। ଯଥାଶୀଘ୍ର ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା ପାଇଁ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ଠାକୁରଗଡ଼ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା

କିଶୋରନଗର,୭ ।୧(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ମଙ୍ଗଳବାର ଉଦଘାଟିତ ହୋଇଛି। କଲେଜ ଅଧ୍ୟକ୍ଷ ପ୍ରତିମା ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ଅଧ୍ୟାପକ ସରୋଜ ରଞ୍ଜନ ପ୍ରଧାନ, ସରୋଜ ଦାଶ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଚକ୍ରଧର ପ୍ରଧାନ କ୍ରୀଡ଼ା ପରିଚାଳନା କରିଥିଲେ।

## ସମରେନ୍ଦ୍ର କୁକୁଡ଼ାଙ୍ଗ ମଣ୍ଡଳ ସଭାପତି ନିର୍ବାଚିତ

**କୁଇଓ,୭ ।୧(ସମିସ):** ବଆଁରପାଳ ବ୍ଲକ କୁକୁଡ଼ାଙ୍ଗ ମଣ୍ଡଳ ବିଜେପିର ନୂତନ ସଭାପତି ଭାବେ ସମରେନ୍ଦ୍ର ଦେହୁରୀ ନିର୍ବାଚିତ ହୋଇଛନ୍ତି। ଦେହୁରୀ ତୁରଙ୍ଗ ପଞ୍ଚାୟତର ସରପଞ୍ଚ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତର ୱାର୍ଡ, ବୁଥିରେ ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ୍ କରିବା ପାଇଁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି। ଏହି ପଦବୀ ପାଇବା ପରେ ସେ ବିଧାୟକ ଅଗସ୍ତି ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ସାଇକଲରେ କଣିହାଁରୁ ଅଯୋଧ୍ୟା



**କଣିହାଁ,୭ ।୧(ସମିସ):** କଣିହାଁ ବ୍ଲକ ସାନତ୍ରିବିଡ଼ା ପଞ୍ଚାୟତ ଧୋବାପାଳ ଗ୍ରାମର ସଞ୍ଜୟ ସାହୁ (୪୧) ଏଠାରୁ ସାଇକଲ ଯୋଗେ ଅଯୋଧ୍ୟା ଯାତ୍ରାରେ ବାହାରିଛନ୍ତି। ସୋମବାର ସକାଳ ୮ଟାରେ ଗ୍ରାମରେ ପୂଜାର୍ଚ୍ଚନା ପରେ ଗ୍ରାମବାସୀ ନାମ ସଂକୀର୍ତ୍ତନ କରି ତାଙ୍କୁ ଗ୍ରାମ ପରିକ୍ରମା କରିଥିଲେ। ପରେ ସଞ୍ଜୟ ଗ୍ରାମେଶ୍ୱରୀ ପୀଠରେ ଦର୍ଶନ କରି କଣିହାଁ ଅଭିମୁଖେ ବାହାରିଥିଲେ। ସେଠାରୁ ଦେବଗଡ଼, ଝାରସୁଗୁଡ଼ା ଦେଇ ଛତିଶଗଡ଼ ଅଭିମୁଖେ ଯାତ୍ରା କରିବେ। ୨୮ରୁ ୩୦ ଦିନ ମଧ୍ୟରେ ଅଯୋଧ୍ୟା ପହଞ୍ଚି ସେ ରାମଲାଲାଙ୍କ ଦର୍ଶନ କରିବା ଲକ୍ଷ୍ୟ ରଖିଛନ୍ତି।

## ଠାକୁର ଅଭିରାମ ପରମହଂସଙ୍କ ଜୀବନ ଓ ଦର୍ଶନ ଶୀର୍ଷକ ଆଲୋଚନା

**ତାଳଚେରସଦର,୭ ।୧(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଜିଲ୍ଲା ବିଚାରଧାର ଶାଖା ପକ୍ଷରୁ ୫୩ତମ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସଂସଦ ସଭାପତି ଶିକ୍ଷାବିତ୍ ଡ. ପ୍ରଶାନ୍ତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଡା. ରମାକାନ୍ତ ରାଉତ ଯୋଗଦେଇ "ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସଙ୍କ ଜୀବନ ଓ ଦର୍ଶନ' ଉପରେ ଆଲୋଚନା କରିଥିଲେ। ଠାକୁର ଅଭିରାମ ପରମହଂସଙ୍କ ଆଧ୍ୟାତ୍ମିକ ଜୀବନ ସଂପର୍କରେ ଆଲୋକପାତ କରିଥିଲେ। ମାନବ ଧର୍ମ ହିଁ ଶ୍ରେଷ୍ଠ ଧର୍ମ ଓ ମାନବ ସେବା ହିଁ ପ୍ରକୃତ ମାଧବ ସେବା ବୋଲି ଠାକୁର ଅଭିରାମ ପରମହଂସ କହିଥିଲେ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସେ ସମସ୍ତଙ୍କୁ ଶ୍ରଦ୍ଧା କରିବା ସହ ସର୍ବଧର୍ମ ମଧ୍ୟରେ ସମନ୍ୱୟ ରକ୍ଷା କରିବା ତଥା ମାନବ ସମାଜରେ ଐକ୍ୟ ସ୍ଥାପନ କରିବାକୁ ଅନେକ ମାନବକଲ୍ୟାଣ କାର୍ଯ୍ୟ କରିଥିଲେ ବୋଲି ରାଉତ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ବଟକୃଷ୍ଣ ତ୍ରିପାଠୀ ଓଁକାର ବନ୍ଦନା କରିଥିବା ବେଳେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଶାଖାର ସଞ୍ଚାର ଓ ସମନ୍ୱୟ ସଦସ୍ୟ ବିଭୂତି ଭୂଷଣ ସ୍ୱାଇଁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିଲେ। କବୟିତ୍ରୀ ଅନୀତା ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଞ୍ଜିତା ତ୍ରିପାଠୀ ଶାନ୍ତିପାଠ କରିଥିବା ବେଳେ ଅଧ୍ୟାପକ ନରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ପ୍ରତାପ କୁମାର ତ୍ରିପାଠୀ, କୃଷ୍ଣଚନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ସୂତାର, ଅନନ୍ତ ମହାରଣା, ବିଜୟ କୁମାର ସାହୁ, ଡ. ଆଶିଷ ରାଠୋର, ଡ. ବିଶ୍ୱଜିତ ଖମାରୀ, ଡ. ମନୋଜ ସାହୁ, ହରେକୃଷ୍ଣ ଗିରି, କେଦାରନାଥ କୁଣ୍ଡୁ, ଲୋକନାଥ ପଣ୍ଡା, ନିର୍ମଳା ମହାପାତ୍ର, ପ୍ରଭାତ ନଳିନୀ ଦାସ, ରବୀନ୍ଦ୍ରନାଥ ସାହୁ, ତରଙ୍ଗିଣୀ ମହାପାତ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବହୁ ସଦସ୍ୟ ଯୋଗଦେଇଥିଲେ।

## ସାତକୋଶିଆ ମଣ୍ଡଳ ସଭାପତି ହେଲେ ରମାକାନ୍ତ

ଜଗନ୍ନାଥପୁର,୭ ।୧(ସମିସ): ଅନୁଗୋଳ ଜିଲ୍ଲା ବିଜେପି ଅନ୍ତର୍ଗତ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ସାତକୋଶିଆ ମଣ୍ଡଳ ସଭାପତି ଭାବେ ଶରଧାପୁର ପଞ୍ଚାୟତ ଗୁରୁଧି ଗ୍ରାମର ରମାକାନ୍ତ ପଲେଇ ନିର୍ବାଚିତ ହୋଇଛନ୍ତି। ପଲେଇ ତାଙ୍କ ପଞ୍ଚାୟତର ସମିତି ସଭ୍ୟ ମଧ୍ୟ ଅଛନ୍ତି। ସେ ମଣ୍ଡଳ ସଭାପତି ଭାବେ ଚୟନ ହୋଇଥିବାରୁ ବିଜେପି ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ଆଠମଲ୍ଲିକ ବିଧାନସଭା କ୍ଷେତ୍ର ବିଜେପି ପ୍ରାର୍ଥୀ ସଞ୍ଜୀବ ସାହୁ, ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ଓଏଭି ପ୍ରବେଶିକା ପରୀକ୍ଷା ଦେଲେ ୧୬୦ ଜଣ

**କିଶୋରନଗର,୭ ।୧(ସମିସ):** କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଷଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ମୋଟ୍ ୧୬୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁ ସୁପରିନଟେଣ୍ଡେଣ୍ଟ ଓ ବିନାୟକ ଦେହୁରୀ ଡେପୁଟୀ ସୁପରିନଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ। ବାମୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ ପର୍ଯ୍ୟବେକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ।

## ଏମ୍‌ସିଏଲ୍ ଏଚ୍‌ଏମ୍‌ଏସ୍ ପକ୍ଷରୁ ବନ୍ଧୁମିଳନ

**କଣିହାଁ,୭ ।୧(ସମିସ):** ଅନୁଗୋଳ ଜିଲ୍ଲା କଣିହାଁସ୍ଥିତ ଏମସିଏଲର ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ଶ୍ରମିକ ସଂଗଠନର ବନ୍ଧୁମିଳନ ଉତ୍ସବ ରବିବାର ତେଲସିଂହା ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି। ସଂଗଠନ ସଭାପତି ଦୁଷ୍ମନ୍ତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପ୍ରାକ୍ତନ ସାଂସଦ ମହେଶ ସାହୁ, ଏମ୍‌ସିଏଲ୍ ଏଚ୍‌ଏମ୍‌ଏସ୍ ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ବେହେରା, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, କଣିହାଁ କୋଇଲା ଖଣି ମହାପ୍ରବନ୍ଧକ ନରେଶ ସିଂହ, ପ୍ରକଳ୍ପ ଅଧିକାରୀ ଶିଶିର କୁମାର ଶତପଥୀ, ମ୍ୟାନେଜର ରତ୍ନାକର ବେହେରା, କଣିହାଁ ଓସିପିର ସମ୍ପାଦକ ଜ୍ଞାନେନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏଚ୍‌ଏମ୍‌ଏସ୍‌ର ସଂଗଠନକୁ କଣିହାଁ ଏମସିଏଲରେ କିପରି ସୁଦୃଢ଼ କରାଯିବ ସେ ନେଇ ଅତିଥି ଆଲୋଚନା କରିଥିଲେ। ଏଥିରେ ଶ୍ରମିକମାନଙ୍କ ପରିବାରର ଶିଶୁମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଏଥିରେ ଶ୍ରମିକ ସଂଗଠନର ଶୁଭେନ୍ଦୁ କୁମାର ଦାସ, ସୁଶୀଲ କୁମାର ସାହୁ, ଭାଗୀରଥି ପରିଡ଼ା, ସଲେନ୍ଦ୍ରୀ ସାହୁ, ଶଶାଙ୍କ ସାମଲ, ମାନସ ସାହୁ, ଧର୍ମେନ୍ଦ୍ର ସାହୁ, ପପୁନ ସାହୁ, ବାପି ସାହୁ, ତ୍ରୈଲୋକ୍ୟ ସାହୁ, ରଞ୍ଜନ ସାମଲ, ଜୟରାମ ପ୍ରଧାନ, ଗିରିଜା ଶଙ୍କର ସାମଲ, ଶାନ୍ତନୁ କୁମାର ସାହୁଙ୍କ ସମେତ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି, ବିଜେଡି କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।




ସର୍ବଭାରତୀୟ ପବିତ୍ରନଗର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଦ୍ୱିତୀୟ ଦିବସରେ ତାଳଚେର ବିଜୟୀ



**କଣିହାଁ,୭ ।୧(ସମିସ)**

କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ପବିତ୍ରନଗର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ସୋମବାର ଏନଏନଏସ ଉତ୍ତରପ୍ରଦେଶକୁ ହରାଇ ତାଳଚେର ୟୁଥ ସ୍ପୋର୍ଟିଂ ଦଳ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଟସ ଜିଣି ଉତ୍ତରପ୍ରଦେଶ ବ୍ୟାଟିଂ କରି ୨୧ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୧୫ ରନ କରିଥିଲା। ତାଳଚେର ଦଳ ୨୦.୩ ଓଭରରେ ୮ ୱିକେଟ ହରାଇ ୧୧୬ ରନ କରି ବିଜୟୀ ହୋଇଥିଲା। ତାଳଚେର ଦଳର ସହଦେବ ସାହୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ପୁରସ୍କାର ପ୍ରଦାନ ସଭାରେ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଶାଖା ପରିଚାଳକ ସୁଶୀଲ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସ୍କୋରର ଭାବେ ସିପୁନ କୁମାର ବିଶ୍ୱାଳ, ସିପୁନ ସାହୁ, ଅମ୍ପାୟର ଭାବେ ପ୍ରଣବ କିଶୋର ଗଡ଼ନାୟକ ଓ ଏ ମଲ୍ଲିକ ଖେଳ ପରିଚାଳନା କରିଥିଲେ। ସୁବାସ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଭାରତୀୟ ଡିଫ୍ କ୍ରିକେଟ ଦଳରେ ସ୍ଥାନ ପାଇଥିବା ତାଳଚେର ୟୁଥ ସ୍ପୋର୍ଟିଂର ସନ୍ତୋଷ କୁମାର ମହାପାତ୍ରଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବନବିଭାଗ କର୍ମଚାରୀଙ୍କ ଦବଙ୍ଗଗିରି

# ଜଙ୍ଗଲରେ ଆଦିବାସୀ ଦମ୍ପତିଙ୍କୁ ନିର୍ଧୁମ ପିଟିଲେ

**ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି**

କାମାକ୍ଷାନଗର, ୭ ।୧(ସମିସ): କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ପଳାସଡାଙ୍ଗି ଗ୍ରାମରେ ବନବିଭାଗ କର୍ମଚାରୀଙ୍କ ଦବଙ୍ଗଗିରି। କାଠଚୋର ଧରିବାକୁ ଯାଇ ଆଦିବାସୀ ଦମ୍ପତିଙ୍କୁ ଜଙ୍ଗଲରେ ନିର୍ଧୁମ ପିଟିଲେ ବନ କର୍ମଚାରୀ। ଗୁରୁତର ଦମ୍ପତିଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ କଙ୍କଡ଼ାହାଡ଼ ଥାନା ପଳାସଡାଙ୍ଗି ଗ୍ରାମର ସଦା ପଧାନ ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ପଧାନ। କାଠଚୋରି ଅଭିଯୋଗରେ ବନ କର୍ମଚାରୀମାନେ ମଙ୍ଗଳବାର ଅପରାହ୍ଣରେ ପଳାସଡାଙ୍ଗି ସଂରକ୍ଷିତ ଜଙ୍ଗଲକୁ ଚଢ଼ଉ କରିବାକୁ ଯାଇଥିଲେ। ସେହି ସମୟରେ ଜଙ୍ଗଲରେ ସଦା ଓ ଜ୍ୟୋତ୍ସ୍ନା ଆସୁଥିବା ଦେଖି କାଠଚୋର ସନ୍ଦେହରେ ବନ କର୍ମଚାରୀ ସେମାନଙ୍କୁ ଅଟକାଇଥିଲେ। କିଛି ସମୟ ପରେ ବନ କର୍ମଚାରୀ ମାନେ ସଦାଙ୍କୁ ଏକ ରଡ୍ ଓ ବାଡ଼ିରେ ନିର୍ଧୁମ ପିଟିଥିଲେ। ଫଳରେ ସଦାଙ୍କ ପିଠି, ଜଙ୍ଘ ଓ ହାତରେ ଗଭୀର କ୍ଷତ ହୋଇଛି। ସେହିପରି ଜ୍ୟୋତ୍ସ୍ନାଙ୍କୁ ମଧ୍ୟ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଅଟୋ ଯୋଗେ କାମାକ୍ଷାନଗର ମେଡିକାଲ ପଠାଇଥିଲେ।

ସେଠାରେ ଉଭୟଙ୍କ ଚିକିତ୍ସା କରାଯାଇଛି। ତେବେ ଏ ସମ୍ପର୍କରେ ବନ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ସ୍ୱାସ୍ଥ୍ୟ ଶିବିର



ଢେଙ୍କାନାଳ, ୭ ।୧(ସମିସ): ସ୍ଥାନୀୟ ବସଷ୍ଟାଣ୍ଡରେ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାଡ଼ିଚାଳକ ଓ ହେଲପର ଏବଂ କଣ୍ଡକ୍ଟରମାନଙ୍କ ସ୍ୱାସ୍ଥ୍ୟ ଠିକ୍ ରହିଲେ ଯାତାୟାତରେ ସୁବିଧା ହେବା ସହ ଯାତ୍ରୀମାନେ ସୁରକ୍ଷିତ ରହିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏଥିପାଇଁ ସେମାନେ ନିୟମିତ ନିଜ ସ୍ୱାସ୍ଥ୍ୟ ସହ ଚକ୍ଷୁ ମଧ୍ୟ ପରୀକ୍ଷା କରିବା ଆବଶ୍ୟକ ବୋଲି କହିଥିଲେ। ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ମୋଟର ଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ, ରାପିଡ୍ ରେସ୍‌ପନ୍ସ ଟିମ୍‌ର ଜିଲ୍ଲା ସଂଯୋଜକ ବିରଞ୍ଚି ନାରାୟଣ ପାଣି, ସଡ଼କ ସୁରକ୍ଷା କମିଟି ସଦସ୍ୟ ପ୍ରଦ୍ୟୁମ୍ନ ରଥ ଏବଂ ପିପୁଲ ଟୁ ପିପୁଲ ହେଲଥ ଫାଉଣ୍ଡେସନର ନିର୍ଦ୍ଦେଶକ ଆଲୋକ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବହୁ ସଂଖ୍ୟକ ଡ୍ରାଇଭର, କଣ୍ଡକ୍ଟର, ହେଲପର ଓ ଅନ୍ୟମାନଙ୍କର ରକ୍ତଚାପ, ମଧୁମେହ, କିଡ୍‌ନୀ, ଲିଭର ଆଦିର ପରୀକ୍ଷା କରାଯାଇଥିଲା।

## ୟୁକୋ ବ୍ୟାଙ୍କ ପ୍ରତିଷ୍ଠା ଦିବସ



ଢେଙ୍କାନାଳ, ୭ ।୧(ସମିସ): ସ୍ଥାନୀୟ ଜଗନ୍ନାଥ ରୋଡ୍‌ସ୍ଥିତ ୟୁକୋ ବ୍ୟାଙ୍କର ୮୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏଥିରେ ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଆବାହକ ଗୌତମ ପାତ୍ର ମୁଖ୍ୟଅତିଥି, ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଇନ୍‌ଚାର୍ଜ ଲିଙ୍ଗରାଜ ନାୟକ, ୟୁକୋ ବ୍ୟାଙ୍କ ସମ୍ବଲପୁର ଅଞ୍ଚଳର ଉପ ଆଞ୍ଚଳିକ ମୁଖ୍ୟ ରଶ୍ମିରଞ୍ଜନ ମହାପାତ୍ର, ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଦେବାଶିଷ କୁଣ୍ଡୁ, ୟୁକୋ ବ୍ୟାଙ୍କ ସମ୍ବଲପୁର ଅଞ୍ଚଳର ରିସୋର୍ସ ମୁଖ୍ୟ ସୌଭାଗ୍ୟ ସାହୁ, ଢେଙ୍କାନାଳ ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ଅମ୍ରିତ ମହାନ୍ତି, ବ୍ୟାଙ୍କର ପୁରାତନ କର୍ମଚାରୀ ଏବଂ ଗ୍ରାହକମାନେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ୟୁକୋ ବ୍ୟାଙ୍କ ଭାରତ ସରକାରଙ୍କ ଅଧୀନସ୍ଥ ଏକ ଜାତୀୟକରଣ ବ୍ୟାଙ୍କ। ଏହା ୧୯୪୩ ଜାନୁଆରୀ ୬ରେ ପ୍ରଖ୍ୟାତ ଶିଳ୍ପପତି ସ୍ୱର୍ଗତ ଘନଶ୍ୟାମ ଦାସ ବିର୍ଲାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା।

## ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମେଳନ



ଢେଙ୍କାନାଳ, ୭ ।୧(ସମିସ): ସ୍ଥାନୀୟ ରାଜବାଟୀ ଚୌକରେ ଶ୍ରୀଅରବିନ୍ଦ ଜିଲ୍ଲା ପାଠଚକ୍ର ସମ୍ମେଳନ ଅନୁଷ୍ଠିତ ହୋଇଛି। ମାତୃପତାକା ଉତ୍ତୋଳନ ପରେ ବନ୍ଦେ ମାତରଂ ଗାନ, ଦୁର୍ଗା ସ୍ତୋତ୍ର ପାଠ, ମାତୃ ସଙ୍ଗୀତ ଗାନ, ମା' ପୁସ୍ତକ ପାଠ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଶିକ୍ଷୀ ପରେଶ ଚନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ସଂଗଠିକା ସୁଲୋଚନା ସାହୁ ବିଶଦ ଭାବେ ସମସ୍ତ କାର୍ଯ୍ୟକ୍ରମକୁ ବୁଝାଇଥିଲେ। ବରିଷ୍ଠ ସଭ୍ୟ ପର୍ଶୁରାମ ନାୟକ ବକ୍ତବ୍ୟ ରଖିଥିବା ବେଳେ ଅନୁଷ୍ଠାନର ସଭାପତି ନିରଞ୍ଜନ ମହାପାତ୍ର କୃତଜ୍ଞତା ଜ୍ଞାପନ କରିଥିଲେ। ସଭ୍ୟ ସର୍ବେଶ୍ୱର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଜାଗା ଜବରଦଖଲ ଅଭିଯୋଗ



ହିନ୍ଦୋଳ, ୭ ।୧(ସମିସ): ହିନ୍ଦୋଳ ବ୍ଲକ କନ୍ତାମିଲା ପଞ୍ଚାୟତର ଗୋହିରାଛୋଡ଼ ଗ୍ରାମର ଜଣେ ବ୍ୟକ୍ତି ଏକ ସରକାରୀ ଜାଗା ଜବରଦଖଲ କରି ଘର ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଜାଗାରେ ଦୀର୍ଘଦିନରୁ ଗ୍ରାମବାସୀ ଯାତ୍ରା କରିଆସୁଥିଲେ। ସେହି ଜାଗାରେ ମାଘ ପୂର୍ଣ୍ଣିମା ଯାତ୍ରା, ଦଣ୍ଡନୃତ୍ୟ, ବିବାହ, ବ୍ରତ ଆଦି ସମୂହିକ କାର୍ଯ୍ୟ ହେଉଥିଲା। ମାତ୍ର କିଛିଦିନ ହେବ ଗ୍ରାମର ଜନନୀ ପ୍ରଧାନ ଉକ୍ତ ଜାଗାର କିଛି ଅଂଶ ଜବରଦଖଲ କରିଛନ୍ତି। ତହସିଲ କାର୍ଯ୍ୟାଳୟର ଅଧିକାରୀଙ୍କୁ ଧରି ସେହି ଜାଗାକୁ ନିଜ ନାମରେ କରିନେବାକୁ ମସୁଧା ଚଳାଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରିବାରୁ ତାଙ୍କର ସମ୍ପର୍କୀୟମାନେ ଗାଳିଗୁଲଜ କରୁଥିବା ଗ୍ରାମର କିଛି ଲୋକ ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ସରକାରୀ ଜାଗାରୁ ପ୍ରଶାସନ ଜବରଦଖଲ ହଟାଇବାକୁ ଦାବି କରିଛନ୍ତି।

## କାରଖାନା ବର୍ଜ୍ୟବସ୍ତୁ ଯୋଗୁଁ ପରିବେଶ ପ୍ରଦୂଷିତ

**କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ବତନ ସାଂସଦଙ୍କ ଦାବି**



ଢେଙ୍କାନାଳ, ୭ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକରେ ଗଢ଼ି ଉଠିଥିବା ବିଭିନ୍ନ କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ପାଉଁଶକୁ ରାସ୍ତାପାର୍ଶ୍ୱରେ ଏତେତେଣେ ପକାଇବା ଫଳରେ ପରିବେଶ ପ୍ରଦୂଷିତ ହେବା ସହ ଜଳବାୟୁ ଓ ମୃତ୍ତିକା ପ୍ରଦୂଷିତ ହେଉଛି। ଏ ନେଇ ପୂର୍ବତନ ସାଂସଦ ମହେଶ ସାହୁ ଉଦବେଗ ପ୍ରକାଶ କରିବା ସହିତ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ଓଡ଼ାପଡ଼ା ବ୍ଲକ ଟାଟା ଷ୍ଟିଲ ମେରାମଣ୍ଡଳୀ, ରୁଙ୍ଗଟା ଷ୍ଟିଲ, ମାଙ୍ଗିଲାଲ ରୁଙ୍ଗଟା, ଜିଏମଆର କମଳାଙ୍ଗ, ଏମଜିଏମ ଷ୍ଟିଲ, ନବଭାରତ ଭେଞ୍ଚର୍ସ, ରିମଝିମ ଇସ୍ପାତ ଲିମିଟେଡ, ଗୁଣ୍ଡିଚାପଡ଼ାସ୍ଥିତ ନର୍ଭେରାମ ପାୱାର ଏବଂ ଷ୍ଟିଲ ଦ୍ୱାରା ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ପରିବେଶ ପ୍ରଦୂଷିତ ହେଉଛି। ଫଳରେ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜୁଛି। ଏହି କାରଖାନାରୁ ନିର୍ଗତ ପାଉଁଶ ଏବଂ ବର୍ଜ୍ୟବସ୍ତୁକୁ ସଠିକ ଭାବେ ପରିଚାଳନା କରାଯାଉ ନ ଥିବାରୁ କାରଖାନାଗୁଡ଼ିକ ରାସ୍ତାପାର୍ଶ୍ୱ, ଗ୍ରାମ ନିକଟ, ବିଭିନ୍ନ ଜଳାଶୟ ନିକଟରେ ପକାଇ ଦେଉଛନ୍ତି। ଫଳରେ ଜଳବାୟୁ ଏବଂ ମୃତ୍ତିକା ପ୍ରଦୂଷିତ ହେବାସହ ପବନରେ ପାଉଁଶ ଉଡ଼ି ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରିବା ଦୂରକଥା, କାରଖାନାଗୁଡ଼ିକ ନ୍ୟାୟ ସଂହିତାର ଉଲ୍ଲଙ୍ଘନ କରୁଛନ୍ତି। ଏଭଳି କାର୍ଯ୍ୟ ପାଇଁ ବିଭିନ୍ନ ଦଣ୍ଡବିଧାନ ରହିଥିବା ବେଳେ କାରଖାନାଗୁଡ଼ିକ ଏହାକୁ ମାନୁ ନ ଥିବା ସେ ପ୍ରକାଶ କରିଛନ୍ତି। ଆସ୍‌ପଣ୍ଡ ନ ଥିବାରୁ ପାଉଁଶକୁ ସେମାନେ ମନଇଚ୍ଛା ପକାଇଦେଉଛନ୍ତି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୂର୍ବତନ ସାଂସଦ ଉପଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

## ଦେଢ଼ଲକ୍ଷର ବ୍ରାଉନସୁଗର ଜବତ; ଜଣେ ଅଟକ



କାମାକ୍ଷାନଗର, ୭ ।୧(ସମିସ): କାମାକ୍ଷାନଗର ଥାନା ଆଳତୁମା ଗ୍ରାମ ଧର୍ମଶାଳା ଛକ ନିକଟରେ ବ୍ରାଉନସୁଗାର କାରବାର ଚାଲିଥିବାବେଳେ ପୁଲିସ ଚଢ଼ଉ କରିଛି। ସେଠାରୁ ୬.୮୩ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରାଯାଇଛି। ଜବତ ବ୍ରାଉନସୁଗରର ମୂଲ୍ୟ ପ୍ରାୟ ଦେଢ଼ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ଏହି କାରବାରରେ ସମ୍ପୃକ୍ତି ଅଭିଯୋଗରେ ପୁଲିସ ଜଣଙ୍କୁ ଅଟକ ରଖିଛି। ଅଟକ ଯୁବକ ହେଲେ ଅନୁଗୋଳ ଜିଲ୍ଲା କୋଲିୟରି ଥାନା ସେଣ୍ଟ୍ରାଲ କଲୋନୀର ଏମଡି ଇସମାଇଲ। ଇସମାଇଲ ତାଳଚେର ଅଞ୍ଚଳରୁ ବ୍ରାଉନସୁଗର ଆଣି କାମାକ୍ଷାନଗର ସହର ଓ ଆଖପାଖ ଅଞ୍ଚଳରେ ଯୋଗାଇଥାନ୍ତି। ମଙ୍ଗଳବାର ଭୋର ସମୟରେ ବ୍ରାଉନସୁଗର ସହ ଆଳତୁମା ଧର୍ମଶାଳା ଛକ ନିକଟରେ ବିକ୍ରି ଉଦ୍ଦେଶ୍ୟରେ ଠିଆ ହୋଇଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା ବୋଲି ଥାନା ଅଧିକାରୀ ଧୀରେନ କୁମାର ବେହେରା ସୂଚନା ଦେଇଛନ୍ତି। କାମାକ୍ଷାନଗର ଅଞ୍ଚଳରେ ବ୍ରାଉନସୁଗର କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଆଉ କିଏ ଏହି ବେଆଇନ କାବବାରରେ ସମ୍ପୃକ୍ତ ଅଛନ୍ତି ସେ ନେଇ ପୁଲିସ ଖୋଳତାଡ଼ କରୁଛି।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା



କାମାକ୍ଷାନଗର, ୭ ।୧(ସମିସ): ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ଅନୁଷ୍ଠିତ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କାମାକ୍ଷାନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ପୋଷ୍ଟର ପ୍ରସ୍ତୁତିରେ ଦଶମ ଶ୍ରେଣୀର ପାୟଲ ସାହୁ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ପ୍ରବନ୍ଧ ଲିଖନରେ ଦଶମ ଶ୍ରେଣୀର ଶୁଭଶ୍ରୀ ସ୍ୱାଇଁ ତୃତୀୟ ଓ କନିଷ୍ଠ ବର୍ଗ ପୋଷ୍ଟର ପ୍ରସ୍ତୁତିରେ ଅଷ୍ଟମ ଶ୍ରେଣୀର ସୁପ୍ରଭା ଖୁଣ୍ଟିଆ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ପ୍ରଧାନଶିକ୍ଷକ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଗାଇଡ୍ ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ନିରନ୍ତର ମାର୍ଗଦର୍ଶନ ପାଇଁ ସାଧୁବାଦ ଜଣାଇଛନ୍ତି।

## ଭିନ୍ନକ୍ଷମଙ୍କ ଉଦ୍ଦେଶ୍ୟରେ ଥେରାପେଟିକ କେନ୍ଦ୍ର ଉଦଘାଟିତ




କାମାକ୍ଷାନଗର, ୭ ।୧(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇନା ପକ୍ଷରୁ କାମାକ୍ଷାନଗର ବ୍ଲକ ଜିରିଡ଼ାମାଳିଠାରେ ଭିନ୍ନକ୍ଷମଙ୍କ ଉଦ୍ଦେଶ୍ୟରେ ସତ୍ୟଭାମା ଥେରାପେଟିକ ସେଣ୍ଟର ଉଦଘାଟିତ ହୋଇଛି। ପ୍ରାଥମିକ ଭାବେ ଏଠାରେ ୭୦ରୁ ଉର୍ଦ୍ଧ୍ୱ ପିଲା ଉପକୃତ ହୋଇପାରିବେ। ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା ଯୋଗଦେଇ ସେଣ୍ଟରକୁ ଉଦଘାଟନ କରିଥିଲେ। ଏହି ଅବସରରେ ବିଧାୟକ ଆଇନାର ଏଭଳି କାର୍ଯ୍ୟକୁ ପ୍ରଶଂଶା କରିବା ସହ ସରକାରୀ ସ୍ତରରେ ଯାହା ସବୁ ଆବଶ୍ୟକ ସମସ୍ତ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସିଦ୍ଧାର୍ଥ କଅଁର, କାମାକ୍ଷାନଗର କଲେଜ ଅଧ୍ୟକ୍ଷ ମଙ୍ଗୁଳି ନାୟକ, ଅଧ୍ୟାପକ ଜ୍ଞାନରଞ୍ଜନ ମିଶ୍ର, ଆଇନାର ପ୍ରତିଷ୍ଠାତା ସଭ୍ୟ ପ୍ରଦ୍ୟୁମ୍ନ ରଥ, କୋଷାଧ୍ୟକ୍ଷ ଗାୟତ୍ରୀ ପଟ୍ଟନାୟକ, ସମ୍ପାଦିକ ସ୍ନେହା ମିଶ୍ର ପମୁଖ ଯୋଗଦେଇ ଭିନ୍ନକ୍ଷମଙ୍କ ଉନ୍ନତି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଶିକ୍ଷଣ ସଞ୍ଚାଳିକା ପଲ୍ଲିଶ୍ରୀ ସେଣ୍ଠ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ସୋସିଆଲ ମିଡିଆରେ ସାମ୍ବାଦିକ ଓ ଓକିଲଙ୍କୁ ଗାଳିଗୁଲଜ



ହିନ୍ଦୋଳ, ୭ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ସାମ୍ବାଦିକ ସଂଘ ସଦସ୍ୟ ଓ ଓକିଲ ସଂଘକୁ ହିନ୍ଦୋଳ ଏନଏସିର ଜଣେ ଯୁବକ କିଛିଦିନ ହେବ ସୋସିଆଲ ମିଡିଆରେ ଗାଳିଗୁଲଜ କରୁଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଉଭୟ ସାମ୍ବାଦିକ ସଂଘ ଓ ଓକିଲ ସଂଘ ପକ୍ଷରୁ ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ହିନ୍ଦୋଳ ଏନଏସି ୱାର୍ଡ ନଂ-୫ ଧୂନ୍ଦିନାଳି ଗ୍ରାମର ନିରୋଜ କୁମାର ପାଳ ଓରଫ ବୁଲୁ ନାମକ ବ୍ୟକ୍ତି ହିନ୍ଦୋଳ ସାମ୍ବାଦିକ ସଂଘ ଓ ଓକିଲ ସଂଘର କିଛି ସଦସ୍ୟ ଓ ସଙ୍ଘକୁ ବ୍ୟକ୍ତିଗତ ଭାବେ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ଗାଳିଗୁଲଜ କରିଆସୁଥିଲେ। ଏହାର ପ୍ରତିବାଦରେ ସାମ୍ବାଦିକ ସଂଘ ସଭାପତି ଦୀପ୍ତିକାନ୍ତ ପ୍ରଧାନ, ସମ୍ପାଦକ ସୁମନ୍ତ ଦେହୁରୀଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଓକିଲ ସଂଘ ପକ୍ଷରୁ ମଧ୍ୟ ସମ୍ପୃକ୍ତ ଯୁବକଙ୍କ ନାମରେ ଅଭିଯୋଗ କରାଯାଇଛି।

## ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର

ଢେଙ୍କାନାଳ, ୭ ।୧(ସମିସ): ଓଡାପଡ଼ା ବ୍ଲକ ସିମିନଇ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ତରଣୀସେନ ଗଡ଼ନାୟକ ଶିବିରକୁ ଉଦଘାଟନ କରିଥିଲେ। ଛାତ୍ରୀମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ତାଲିମ ସମ୍ପର୍କରେ ଅବଗତ କରାଇଥିଲେ। ଏହାର ସୁଯୋଗ ନେଇ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ସହାୟତା ଦେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଷ୍ଣୁପ୍ରସାଦ ସାହୁ, ଅଧ୍ୟାପିକା ମମତା ପଣ୍ଡା, ଗାୟତ୍ରୀବାଳା ନାୟକ, ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୦୦ଜଣ ଛାତ୍ରୀ ୩ଟି ଗ୍ରୁପରେ ତାଲିମ ନେଉଛନ୍ତି। ଏହି ଶିବିର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା କବିତା ମିଶ୍ର ପ୍ରକାଶ କରିଛନ୍ତି। ମାଷ୍ଟର ଟ୍ରେନର ଭାବେ ପୂଜା ବେହେରା ତାଲିମ ପ୍ରଦାନ କରୁଛନ୍ତି।

## ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ବୈଠକ

ଗଁଦିଆ, ୭ ।୧(ସମିସ): ସ୍ଥାନୀୟ ସିଦ୍ଧ ବଳରାମଜିଉ ମନ୍ଦିର ପ୍ରାଙ୍ଗଣରେ ଦିବ୍ୟାଙ୍ଗ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲା ସଭାପତି ସତ୍ୟନାରାୟଣ ନନ୍ଦ ସଭାପତିତ୍ୱ କରିଥିଲେ। ଜିଲ୍ଲାର ସମସ୍ତ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ୨୦୧୧ରୁ ଆଜିପର୍ଯ୍ୟନ୍ତ ସମସ୍ତ ଭିନ୍ନକ୍ଷମ ପିଲାଙ୍କ ଶୈକ୍ଷିକ ବିକାଶ ଦିଗରେ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ କାର୍ଯ୍ୟରତ ଅଛନ୍ତି। କିନ୍ତୁ ସରକାରୀ ଉଦାସୀନତା ହେତୁ ଏମାନଙ୍କୁ ସରକାରୀ ଚାକିରିଆ ମାନ୍ୟତା ପ୍ରଦାନ କରାଯାଉନାହିଁ।

ସମାନ କାମକୁ ସମାନ ଦରମା ନୀତିକୁ ଉଲ୍ଲଂଘନ କରାଯାଉଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସ୍ୱେଚ୍ଛାସେବୀମାନେ ଅନୁରୋଧ କରିଛନ୍ତି।

## କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରରେ ନବବର୍ଷ ପାଳିତ



ଢେଙ୍କାନାଳ, ୭ ।୧(ସମିସ): ସ୍ଥାନୀୟ ଅସେଟ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷାର୍ଥୀମାନେ ଇଂରାଜୀ ନବବର୍ଷ ପାଳନ କରିଛନ୍ତି। ପରସ୍ପରକୁ ଅଭିନନ୍ଦନ ଜଣାଇ ଛାତ୍ରଛାତ୍ରୀମାନେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ନବବର୍ଷ ଅଭିନନ୍ଦନପତ୍ର ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆକାଂକ୍ଷା, ସ୍ୱାଗତିକା, ପୂଜା, ସାଇନା, କ୍ରିଷ୍ଣା, ସରିତାରାଣୀ, ଆୟୁଷ, ପୁନମ, ସଂକେତ ପ୍ରମୁଖ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରି ଉପହାର ପାଇଛନ୍ତି। ସ୍ୱପ୍ନା ମୁଦୁଲି, ସଂସ୍କୃତି ଅନୁରାଗିଣୀ, ଭେନମ ରେପ୍ଲିକା, ଓଜସ୍ୱିନୀ ମିଶ୍ର, ବିକ୍ରମ ରାଉତ, ସୁଶ୍ରୀ ଶ୍ୱେତପଦ୍ମା, ଶୁଭେନ୍ଦୁ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର ସ୍ମୃତିରଞ୍ଜନ ଦାସ ସହଯୋଗ କରିଥିଲେ। ଅନୁଷ୍ଠାନର ପରିଚାଳନା ମୁଖ୍ୟ ପ୍ରଭାତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୭୭ତମ କବାଡ଼ି ଓ ହ୍ୟାଣ୍ଡବଲ ପ୍ରତିଯୋଗିତା

# ହ୍ୟାଣ୍ଡବଲରେ ଢେଙ୍କାନାଳ ଚାମ୍ପିଅନ



ଢେଙ୍କାନାଳ, ୭ ।୧(ସମିସ): ସ୍ଥାନୀୟ ପୁଲିସ ପଡ଼ିଆରେ ରାଜ୍ୟସ୍ତରୀୟ ୭୭ତମ କବାଡ଼ି ଓ ନବମ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। କ୍ୱାର୍ଟର ଫାଇନାଲ ମ୍ୟାଚ ୪ର୍ଥ ଆଇଆରବିଏନ ଦେବଗଡ଼ ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ୮ ପଏଣ୍ଟରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ୬ଷ୍ଠ ଓଏସଏପି ବାଟାଲିୟନ କଟକ ଏବଂ ପ୍ରଥମ ଓଏସଏପି ବାଟାଲିୟନ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଟକ ୨୩ ପଏଣ୍ଟ ପାଇ ବିଜୟୀ ହୋଇଛି। ତୃତୀୟ କ୍ୱାର୍ଟର ଫାଇନାଲ ୫ମ ଆଇଆରବିଏନ ବୌଦ୍ଧ ଓଏସଏପି ୩ୟ କୋରାପୁଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋରାପୁଟ ୧୩ ପଏଣ୍ଟରେ ବିଜୟୀ ହୋଇଛି। ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ୪ର୍ଥ ଓଏସଏପି ରାଉଲକେଲା ଏବଂ ସୁନ୍ଦରଗଡ଼ ମଧ୍ୟରେ ହୋଇଥିଲା। ରାଉଲକେଲା ୭ ପଏଣ୍ଟରେ ବିଜୟୀ ହୋଇଛି। ପୁଲ-ଏର ପ୍ରଥମ ସେମିଫାଇନାଲ ଓଏସଏପି ୩ୟ ବାଟାଲିୟନ କୋରାପୁଟ ଏବଂ ୪ର୍ଥ ଆଇଆରବିଏନ ଦେବଗଡ଼ ମଧ୍ୟରେ ହୋଇଥିଲା। ଦେବଗଡ଼ ୧ ପଏଣ୍ଟରେ ବିଜୟୀ ହୋଇଛି।

୨ୟ ସେମିଫାଇନାଲ ଓଏସଏପି ୪ର୍ଥ ବାଟାଲିୟନ ରାଉଲକେଲା ଓ ୬ଷ୍ଠ ଓଏସଏପି ବାଟାଲିୟନ କଟକ ମଧ୍ୟରେ ହୋଇଥିଲା। କଟକ ୨୧ ପଏଣ୍ଟରେ ବିଜୟୀ ହୋଇଛି। ସେହିପରି ହ୍ୟାଣ୍ଡବଲରେ ୨୩ତମ ହାଉଲାଇନ ମ୍ୟାଚ ୫ମ ବାଟାଲିୟନ ବାରିପଦା ଏବଂ କେନ୍ଦୁଝର ମଧ୍ୟରେ ହୋଇଥିବା ବେଳେ କେନ୍ଦୁଝର ୯ ପଏଣ୍ଟରେ ବିଜୟୀ ହୋଇଛି। ହ୍ୟାଣ୍ଡବଲର ଫାଇନାଲ ମ୍ୟାଚ ପ୍ରଥମ ଓଏସଏପି ବାଟାଲିୟନ ଢେଙ୍କାନାଳ ଏବଂ ୬ଷ୍ଠ ଓଏସଏପି ବାଟାଲିୟନ କଟକ ମଧ୍ୟରେ ହୋଇଥିବା ବେଳେ ଢେଙ୍କାନାଳ ୭ ପଏଣ୍ଟ ପାଇ ବିଜୟୀ ହୋଇଥିବା ଜଣାପଡ଼ିଛି।

ଏହି ଫଳାଫଳ ସମ୍ପର୍କରେ କବାଡ଼ି ମ୍ୟାଚ କମିଶନର ଶୁଭେନ୍ଦୁ ପ୍ରସାଦ ଧୀର ଏବଂ ହ୍ୟାଣ୍ଡବଲ ମ୍ୟାଚ କମିଶନର ସୂଚନା ଦେଇଛନ୍ତି।

## ଧଳତଙ୍ଗଗଡ଼ ଜଙ୍ଗଲ, ଅସୁରକ୍ଷିତ ବନ୍ୟପ୍ରାଣୀ

# ହରିଣଙ୍କ ଉପଦ୍ରବରେ ଚାଷୀ ହନ୍ତସନ୍ତ





- ଅଧାପନ୍ତରିଆ ପାଚେରି କରି ଠିକାଦାର ଛୁ'
- ଲାଇସେନ୍ସ ରଦ୍ଦ ପାଇଁ ଦାବିକଲା କୃଷକ ସଂଗଠନ

ଜଗତସିଂହପୁର, ୭ା୧:

ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ତହସିଲ ଅଞ୍ଚଳରେ ରହିଛି ଧଳତଙ୍ଗଗଡ଼ ପ୍ରାକୃତିକ ଜଙ୍ଗଲ। ତିନି ଶହ ଏକରରୁ ବଡ଼ ଏହି ଜଙ୍ଗଲରେ ରହିଛନ୍ତି ଶହ ଶହ ହରିଣ, ବାର୍‌ହା ଭଳି ବନ୍ୟଜନ୍ତୁ। ଆଉ ମଧ୍ୟ ଔଷଧୀୟ, ଚନ୍ଦନ, ଶାଗୁଆନ ଓ ପିଆଶାଳ ଭଳି ମୂଲ୍ୟବାନ ବୃକ୍ଷ ରହିଛି। ଏହା ମଧ୍ୟରେ ବି ରହିଛି ବନ୍ୟଜନ୍ତୁଙ୍କ ପାଣି ପିଇବା ପାଇଁ ଜଳାଶୟ। ତେବେ ଏଗୁଡିକର ପୁନଃରୁଦ୍ଧାର ନ କରିବା ହେତୁ ଏହା ଶୁଖିଲା ପଡ଼ିଛି। ଖାଦ୍ୟର ମଧ୍ୟ ଅଭାବ ରହିଛି। ତେବେ ଏହି ଜଙ୍ଗଲରୁ ବେଆଇନି ଗଛ କଟା ଓ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଓ ପାଣି ପିଇବା ପାଇଁ ସେଠାରେ ଥିବା ଜଳାଶୟ ଗୁଡିକର ପୁନଃରୁଦ୍ଧାର ନିମନ୍ତେ ତତ୍କାଳୀନ ସରକାର ଗତବର୍ଷ ୧୭ କୋଟି ୮ ୫ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ୨୦୨୩/୨୫ ମଧ୍ୟରେ କାର୍ଯ୍ୟ ସମାପନ ପାଇଁ ଟେଣ୍ଡର କରାଯାଇଥିଲା। ତେବେ କିଛି ମୁଷ୍ଟିମେୟ ଠିକାଦାର ଏହାକୁ ଭାଗ ଭାଗ କରି କାମ କରିଥିଲେ। ସେମାନଙ୍କ ମଧ୍ୟରୁ ଜନୈକ ଠିକାଦାର ଏହାକୁ ପୂର୍ଣ୍ଣାଙ୍ଗ ନ କରି ବିଭାଗୀୟ ଅଧିକାରୀମାନଙ୍କ ସହ ହାତ ମିଳାଇ ଉକ୍ତ ଅର୍ଥକୁ ନେଇ ଛୁ ମାରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଓ ନବ ନିର୍ମାଣ କୃଷକ ସଂଗଠନ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାକୁ ନେଇ ସଂଗଠନ ପକ୍ଷରୁ ଉକ୍ତ ଠିକାଦାରର ଲାଇସେନ୍ସକୁ ରଦ୍ଦ କରାଯିବାକୁ ଦାବି କରାଯାଇଛି। ତେବେ ହରିଣମାନଙ୍କ ନିମନ୍ତେ ନିର୍ମିତ ହେବାକୁ ଥିବା ପାଚେରି ସମ୍ପୂର୍ଣ୍ଣ ନ ହେବାରୁ ଶତାଧିକ ହରିଣ ଜଙ୍ଗଲ ଛାଡି ପ୍ରାୟ ୧୦ କିଲୋମିଟର ଅଞ୍ଚଳରେ ଥିବା ରାମଚନ୍ଦ୍ରପୁର, ପଣ୍ଡରା, ଛପଡ଼ା, ତଅଁରା, ଗୁହାଳୀପୁର, ପୁରୁଣାବସନ୍ତ ଆଦି ଅଞ୍ଚଳରେ ଥିବା ଜମି ଗୁଡିକରୁ ଫସଲ ଖାଇବା ସହ ନଷ୍ଟ କରୁଥିବା ସ୍ଥାନୀୟ ଚାଷୀ ଭରତ ବିଶ୍ୱାଳ, ଗୋପାଳ ନାୟକ, ବିଜୟ ରାୟ ପ୍ରମୁଖ ପ୍ରକାଶ କରିଛନ୍ତି। ଏହି ହରିଣ ମାନେ ଫସଲ ନଷ୍ଟ କରୁଥିବା କାରଣରୁ ସ୍ଥାନୀୟ ଚାଷୀ ହତାଶ ହେଉଥିବା ବେଳେ ଏମାନଙ୍କୁ ଜଗିବା ପାଇଁ ରାତିରାତି ନିଜ ବିଲରେ ଜଗିରହୁଛନ୍ତି। ତେବେ ଏ ନେଇ ଉକ୍ତ ଠିକାଦାର ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଗୁହାରି ଜଣାଇ ଥିଲେ ମଧ୍ୟ କୌଣସି ଫଳ ମିଳିନାହିଁ। ସମ୍ପୃକ୍ତ ଠିକାଦାର ବିଲ ନେଇ ପଳାଇ ଯାଇଥିବା ବେଳେ ପୋଖରୀ ଖନନ, ପାଚେରି ନିର୍ମାଣ ଓ ନୂତନ ଗଛ ଲଗାଇବା ତ ଦୂରର କଥା, ପୂର୍ବରୁ ଉକ୍ତ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛକୁ ନେଇ ଚମ୍ପଟ ମାରିଥିବା ସମ୍ପର୍କରେ ଜଗତସିଂହପୁର ଜିଲ୍ଲାପାଳଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଜଣାଇଛନ୍ତି। ପୂର୍ବ ସରକାର ଯେଉଁ ମହତ ଉଦ୍ଦେଶ୍ୟ ପାଇଁ ଉକ୍ତ ଜଙ୍ଗଲର ସୁରକ୍ଷା ପାଇଁ ଅର୍ଥ ବରାଦ କରିଥିଲେ ତାହା ଉକ୍ତ ଠିକାଦାର ପାଇଁ ଅଧାପନ୍ତରିଆ ଭାବରେ ପଡ଼ି ରହିଲା ବୋଲି ନବ ନିର୍ମାଣ କୃଷକ ସଂଗଠନର ସଭ୍ୟ ମାନେ ପ୍ରକାଶ କରିଛନ୍ତି।

# ବୁଣାକାରଙ୍କ ସଚେତନତା ଶିବିର



ଜଗତସିଂହପୁର, ୭ା୧(ସମିସ): ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ତନ୍ତୁବାୟ ସହଯୋଗ ସମିତି ଆନୁକୂଲ୍ୟରେ ଏକ ବୁଣାକାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜଗତସିଂହପୁର ଜିଲ୍ଲା ଅଧୀନସ୍ଥ ପ୍ରାୟ ଦୁଇଶହରୁ ଅଧିକ ବୁଣାକାର ସଭ୍ୟସଭ୍ୟା ଯୋଗଦେଇଥିଲେ। ଉକ୍ତ ଶିବିରକୁ କଟକ ବୟନମଣ୍ଡଳର ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି ଉଦଘାଟନ କରିଥିଲେ। ବୁଣାକାରଙ୍କ ନିମନ୍ତେ ସରକାରଙ୍କ କଲ୍ୟାଣକାରୀ ଯୋଜନା ବିଷୟରେ ଉପସ୍ଥିତ ବୁଣାକାର ସଭ୍ୟ ସଭ୍ୟା ମାନଙ୍କୁ ସଚେତନ କରିଥିଲେ। ଉକ୍ତ ସଭାକୁ ବୟନ ମଣ୍ଡଳର ବୈଷୟିକ ସହାୟକ ମନୋରଞ୍ଜନ ନାଥ ପରିଚାଳନା କରିଥିଲେ। ସଭାରେ ବୟନ ମଣ୍ଡଳର ବୟନ ନିରୀକ୍ଷକ ବିଜୟଲକ୍ଷ୍ମୀ ଡୋଷ ଓ ଶାନ୍ତିଲତା ମାଝୀ ଉଦବୋଧନ ଦେଇଥିଲେ। ଶିବିରରେ ଜଗତସିଂହପୁର ଜିଲ୍ଲାର ବୁଣାକାର ସମବାୟ ସମିତିର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ହୋଇଥିଲେ। ଓଡ଼ିଶୋ ସମିତିର ସମ୍ପାଦକ ମଧୁସୂଦନ ଦାସ, ସଭାପତି ପ୍ରଭାକର ବେହେରା ଉପସ୍ଥିତ ରହି ଧନ୍ୟବାଦ ଅର୍ପଣ କରୁଥିଲେ।

## କୁଜଙ୍ଗ ନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ

# ସମାଜ ପ୍ରତି ସମ୍ବେଦନଶୀଳ ହେବାକୁ ଆହ୍ୱାନ

କୁଜଙ୍ଗ, ୭ା୧(ସମିସ): କୁଜଙ୍ଗ ସ୍ଥିତ ନ୍ୟାସନାଲ ସ୍କୁଲର ସପ୍ତଦଶ ପ୍ରତିଷ୍ଠା ଉତ୍ସବ ଆଡମ୍ବର ସହକାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ନ୍ୟାସନାଲ ସ୍କୁଲର ଅଧକ୍ଷା ପ୍ରମିଳା ନନ୍ଦଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସିନେ ପ୍ରଯୋଜକ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ମୁଖ୍ୟ ଅତିଥି ରୂପେ ଯୋଗଦେଇ ନିଜ ଜୀବନର ସଂଘର୍ଷ ସମୟ କହିବା ସହ ପାଟି ଲାଗୁଥିବା ଯୋଗୁଁ କଠୋର ସାଧନା ଓ ଦୃଢ ଇଚ୍ଛାଶକ୍ତି ବଳରେ ସେ ଅଭିନୟ ଦୁନିଆରେ ପାଦ ଥାପି ସଫଳ ହୋଇଥିଲେ। ଏହି ଅବସରରେ ପିଲା ମାନଙ୍କୁ ଟିକି ଟିକି କଥାରେ ହସ୍ତକ୍ଷେପ ନକରି ତାଙ୍କୁ ନିଜେ କରିବାକୁ ଦେବା ସହ ତା ମଧ୍ୟରେ ସାହାସ, ନୈତିକ ମୂଲ୍ୟବୋଧ, ଦେଶ ପ୍ରେମ ତଥା ସମାଜ ପ୍ରତି ସମ୍ବେଦନଶୀଳତା ଭରିଦେବା ଦେବାକୁ ଅଭିଭାବକ ଓ ଶିକ୍ଷକ ମାନେ ଯତ୍ନଶୀଳ ହେବା କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ରୂପେ ସେବା ନିବୃତ୍ତ ରାଜ୍ୟପାଳ ପୁରସ୍କୃତ ପ୍ରଧାନ ଶିକ୍ଷକ ତଥା ସତ୍ୟସାଇ ସେବା ସମିତିର ଆବହକ ସରୋଜ କୁମାର ବେହେରା, ଶିକ୍ଷାବିତ୍ ଡଃ ଗଙ୍ଗାଧର ସାମନ୍ତରାୟ, ସେଣ୍ଟଣ୍ଟ ଜାଭିଅର୍ ଇଣ୍ଟନ୍ୟାସନାଲ ସ୍କୁଲର ଅଧକ୍ଷ ସୁଧାକର ବିଶ୍ୱାଳ ପ୍ରମୁଖ ଅତିଥି ରୂପେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନୀତ କରିଥିଲେ। ପ୍ରତିଷ୍ଠାତା ନାଟ୍ୟକାର ଡଃ ରଘୁନାଥ ସାହୁଙ୍କ ସଂଯୋଜନାରେ ଏହି ଉତ୍ସବରେ ଶେଷରେ ଶୁଭେନ୍ଦୁ ନାରାୟଣ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ମାଟିର ପୁଅ ତଥା ଓଡିଆ ସିନେ ଜଗତର ଜଣାଶୁଣା ନିର୍ଦ୍ଦେଶକ ପିନୁ ନାୟକ, ଯୁବ କ୍ରିକେଟ ପ୍ରତିଭା ରତିରଞ୍ଜନ ବାରିକ, ତଥା ନ୍ୟାସନାଲ ସ୍କୁଲର ଦୁଇ କୃତୀ ଶିକ୍ଷୟିତ୍ରୀ ମୃଦ୍ଧାର୍ମୟୀ ରାଉତ ଓ କିରଣବାଳା ନାୟକଙ୍କୁ ତାଙ୍କ ପ୍ରତିଭା, ସେବା ଓ ବୃତ୍ତି ପ୍ରତି ଥିବା ସମର୍ପଣ ପାଇଁ ସ୍କୁଲ ପକ୍ଷରୁ ସ୍ୱତନ୍ତ୍ର ରୂପେ ଅତିଥିମାନେ ସମ୍ମାନୀତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ କରାଯାଇଥିଲା।

# ପ୍ରାତଃଭ୍ରମଣ ସଂଗଠନର ସଚେତନତା କାର୍ଯ୍ୟକ୍ରମ



କୁଜଙ୍ଗ, ୭ା୧(ସମିସ): କୁଜଙ୍ଗ ବ୍ଲକ ଅନୁଆଗଡ଼ ପଞ୍ଚାୟତ ସିଙ୍ଗିଟାଳୀ ଅଞ୍ଚଳର ପ୍ରାତଃ ଭ୍ରମଣ କରୁଥିବା ବହୁ ବରିଷ୍ଠ ନାଗରିକ ଓ ଯୁବକ ସଂଗଠିତ ହୋଇ ଏବେ ସେହି ଅଞ୍ଚଳ ମୌଳିକ ସମସ୍ୟାର ସମାଧାନ ପାଇଁ ସମବେତ ପ୍ରୟାସ ବାର୍ଷିକ ସମାବେଶ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସଂଗଠନର ସଭାପତି ସଞ୍ଜୟ କୁମାର ପାଣିଙ୍କ ସଭାପତିତ୍ୱରେ ଏହି ସମାବେଶରେ ଉପଦେଷ୍ଟା କମ୍ରେଡ୍ ବାବୁରାମଚୌଧୁରୀ, ଉପସଭାପତି ପ୍ରଭାକର ଚୌଧୁରୀ, ସମ୍ପାଦକ ଅମର କୁମାର ବେହେରା, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ବରିକ, ସହ ସମ୍ପାଦକ ସୁବୋଧ ପଟ୍ଟନାୟକ, ରୋଜାଲିନ୍ ସାମଲ, ସୁଭଶ୍ରୀ ତରାଇ, ଲକ୍ଷ୍ମିପ୍ରିୟା ଦାସ, ସୁଧାଂଶୁ ସାହୁ, ସାଧୁଚରଣ ବେହେରା, ରମେଶ ଖଟୁଆ, ଅନାମ ଜେନା, ଅକ୍ଷୟ ସେଠୀ, ନାରାୟଣ ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଓ ସୁସ୍ଥ ରହିବା ପାଇଁ ଯୋଗ ତଥା ପ୍ରାତଃ ଭ୍ରମଣର ଉପଯୋଗୀତା ନେଇ ଆଲୋଚନାରେ ଭାଗନେଇଥିଲେ। ଏହି ଅବସରରେ ନୂଆଗଡ଼ ପର୍ଯ୍ୟନ୍ତ କେନାଲ ପରିଷ୍କାର ପାଇଁ ଦାବି କରାଯିବା ସହ ମଳା ଗାଇ ଗୋରୁ ରାସ୍ତା କଡରେ କିମ୍ବା କେନାଲରେ ନଫିଙ୍ଗିବା, ନିଶା ନିବାରଣ ନେଇ ସଚେତନତା କରାଯାଇଥିଲା।

# ବୃତ୍ତି ପରୀକ୍ଷାରେ ବିଦ୍ୟାଭାରତୀର ସଫଳତା

କୁଜଙ୍ଗ, ୭ା୧(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ସ୍ଥିତ ବିକେ ଚୌଧୁରୀ ମେମୋରିଆଲ ସ୍କୁଲ ବିଦ୍ୟା ଭାରତୀର ଦୁଇ ପ୍ରତିଭାବାନ ଛାତ୍ରଛାତ୍ରୀ ଗତ ଶିକ୍ଷା ବର୍ଷ ପାଇଁ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ହେଲେ ସତ୍ୟପ୍ରକାଶ ସାହୁ, ତୃତୀୟଶ୍ରେଣୀ ସୁଶ୍ରୀ ପ୍ରିୟଦର୍ଶିନୀ ମିଶ୍ର, ପଞ୍ଚମ ଶ୍ରେଣୀ। ଏହି ଖବର ପାଇବା ପରେ ବିଦ୍ୟା ଭାରତୀ ସ୍କୁଲ ଓ ଅଭିବାବକ ମହଲରେ ଖୁସି ପ୍ରକାଶ ପାଇଛି। ଏହି ନେଇ ବିଦ୍ୟାଳୟର ମ୍ୟାନେଜିଂ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ର, ଶିକ୍ଷା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଅଧକ୍ଷ ସୁନାକର ବିଶ୍ୱାଳ ପ୍ରମୁଖ କୃତୀ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇ ଛନ୍ତି।

# ପିପିଏଲ୍ ଉଦ୍‌ଯାପିତ, ମା ଦୁର୍ଗା ଚାମ୍ପିଅନ୍



କୁଜଙ୍ଗ, ୭ା୧(ସମିସ): ଆଇପିଏଲ୍ ଢାଞ୍ଚାରେ ପଙ୍କପାଳ ପଞ୍ଚାୟତର ପ୍ରତିଭାବାନ୍ ଖେଳାଳୀମାନଙ୍କୁ କ୍ରୀଡା ସଂଗଠକମାନେ ନିଲାମ କରି ଦୀର୍ଘ ଦିନ ତଳୁ ଆରମ୍ଭ କରିଥିବା ପିପିଏଲ୍ ୨୦୨୫ ଗତକାଲି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପଙ୍କପାଳ କ୍ରିକେଟ ପଡ଼ିଆରେ ହୋଇଥିବା ଫାଇନାଲ୍ ମ୍ୟାଚ ମା ଦୁର୍ଗା ଡେୟାର ଡେଭିଲ ଓ କଣ୍ଠ ନାଇଟ ରାଇଡରର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି କଣ୍ଠ ନାଇଟ୍ ରାଇଡର ୧୫ ଓଭରରେ ୮ ୱିକେଟ୍ ୧୧୬ରନ୍ କରିବାକୁ ସମର୍ଥ ହୋଇଥିଲା। ଜବାବରେ ଦୁର୍ଗା ଡେୟାର ଡେଭିଲ ୧୨.୪ ଓଭରରେ ୬ ୱିକେଟ୍ ଆବଶ୍ୟକୀୟ ରନ୍ ସଂଗ୍ରହ କରି ଚମ୍ପିଆନ୍ ହୋଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦିପ୍ତ ପରିଡ଼ା, ମ୍ୟାନ୍ ଅଫ୍‌ଦି ସିରିଜ ସ୍ୱାଧୀନ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ଅର୍ଜନ କରିଥିବା ଖେଳାଳୀଙ୍କୁ ସମ୍ମାନୀତ କରାଯାଇଥିଲା। ଆୟୋଜିତ ଉତ୍ସବରେ ପଙ୍କପାଳ ସରପଞ୍ଚସରୋଜ କୁମାର ସେଠୀ(ମୁନା) ଓ ବ୍ୟବସାୟୀ ସଞ୍ଜୟ କୁମାର ସାହୁ, ଅକ୍ଷୟ କୁମାର ପାତ୍ର ଅତିଥି ରୂପେ ଯୋଗଦେଇ ଚମ୍ପିଆନ୍ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। କ୍ରୀଡାକୁ ଉମେଶ ଜେନା ଓ ମନୋଜ ପରିଡ଼ା ପରିଚାଳନା କରିଥିବା ବେଳେ ରାଜ ପ୍ରସାଦ ସାହୁ, ସତ୍ୟ ପ୍ରକାଶ ଦାଶ, ଅଭୟ କୁମାର ପାତ୍ର, ଅସିତ ଦାସ, ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ସମଗ୍ର ପିପିଏଲ୍‌କୁ ପରିଚାଳନା କରିଥିଲା।

# ମାଗଣା ଚକ୍ଷୁ ସେବା ଶିବିର

ପାରାଦ୍ୱୀପ, ୭ ା୧ (ସମିସ) : ପାରାଦୀପଠାରେ ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଏବଂ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ସହାୟତାରେ ପାରାଦୀପ ବସଷ୍ଟାଣ୍ଡଠାରେ ଭାରି ଯାନ ଚାଳକଙ୍କୁ ନେଇ ମାଗଣା ଚକ୍ଷୁ ସେବା ଶିବିର ଆୟୋଜନ ହୋଇଥିଲା। ଏହାକୁ ପାରାଦୀପ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଉଦ୍‌ଘାଟନ କରିଥିଲେ। ପାରାଦୀପ ପୌରପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଜଗତସିଂହପୁର ସ୍ୱାସ୍ଥ୍ୟ ବିଭାଗ ତରଫରୁ ଚକ୍ଷୁ ଚିକିତ୍ସକ ଡଃ ପ୍ରେମାନନ୍ଦ ବେହେରା, ଚକ୍ଷୁ ପରୀକ୍ଷକ ତ୍ରିବାନନ୍ଦ ବାରିକ ଏବଂ ଅର୍ଦ୍ଧେନ୍ଦୁ ମଣ୍ଡଳ ଚିକିତ୍ସା କରିଥିଲେ। ଉକ୍ତ ଶିବିରରେ ୭୦ ଜଣ ଭାରି ଯାନ ଚାଳକଙ୍କର ଚକ୍ଷୁ ପରୀକ୍ଷା କରି, ମାଗଣାରେ ଚଷମା ଯୋଗାଇ ଦିଆଯାଇଥିଲା। ଏଥିରେ ଜେ ଏସ ଡବ୍ଲୁ ଫାଉଣ୍ଡେସନ ସମସ୍ତ କର୍ମକର୍ତ୍ତା ଏବଂ ପ୍ରାଇଭେଟ୍ ବସ୍ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ଶିବିରକୁ ଶୃଙ୍ଖଳିତ ସହ ପରିଚାଳନା କରିଥିଲେ।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ଜଗତସିଂହପୁର, ୭ା୧(ସମିସ): ଜିଲ୍ଲାର ବିଭିନ୍ନ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ମଙ୍ଗଳବାର ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୯ଟା ସମୟରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ଜିଲ୍ଲାର ୨୯ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ସମୁଦାୟ ୪, ୧୧୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆବେଦନ କରିଥିବା ବେଳେ ୩, ୯୭୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଜିଲ୍ଲାର ବିଭିନ୍ନ ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ସୁପରିଚାଳନା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ସଡ଼କ ସୁରକ୍ଷା ସପ୍ତାହ ପାଳିତ

ଜଗତସିଂହପୁର, ୭ ା୧(ସମିସ ): ଜାତୀୟ ସମରଶିକ୍ଷାର୍ଥୀ ବାହିନୀର କ୍ୟାଡେଟମାନଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରିବାସହ ସେମାନଙ୍କ ଜରିଆରେ ଅନ୍ୟମାନଙ୍କୁ ସଚେତନ କରି ମୃତ୍ୟୁ ସଂଖ୍ୟାକୁ କମାଇବାପାଇଁ ଅଲଣାହାଟ ହାଇସ୍କୁଲ ପରିସରରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି।ଏହି ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏନସିସି ଅଫିସର ଅମୂଲ୍ୟ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ କ୍ୟାଡେଟ ମାନଙ୍କୁ ସଡ଼କ ସୁରକ୍ଷା ଶପଥ ପାଠ କରାଇଥିଲେ। ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପାଢ଼ୀ ଏଥିରେ ଯୋଗଦେଇ କ୍ୟାଡେଟମାନଙ୍କୁ ସଡ଼କ ସୁରକ୍ଷା



ଉପରେ ବୁଝାଇବାସହ ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ସହାୟତା ପ୍ରଦାନକରି କିପରି ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ ତାହା ଉପରେ ଆଲୋକପାତ କରିଥିଲେ। ସେବାନିବୃତ୍ତ ପୁଲିସ ସବ୍ ଇନିସପେକ୍ଟର ରବୀନ୍ଦ୍ର କୁମାର ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗାଡି ଚଳାଇବାବେଳେ ଟ୍ରାଫିକ ନିୟମ ମାନିବା, ମୋବାଇଲ ବ୍ୟବହାର ନ କରିବା, ସିଟବେଲ୍ଟ ବାନ୍ଧିବା, ବିନା ହେଲମେଟରେ ଯାତ୍ରା ନ କରିବା, ନିଶାଦ୍ରବ୍ୟ ବ୍ୟବହାର ନ କରିବା, ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟ ନିକଟରେ କର୍କଶ ହର୍ଣ୍ଣ ନ ବଜାଇବା, ଧାର୍ଯ୍ୟ ଓଜନ ଠାରୁ ଅଧିକ ମାଲ ପରିବହନ ନ କରିବା ଇତ୍ୟାଦି ବିଷୟରେ ସଚେତନତା ବାର୍ତ୍ତା ଦେଇଥିଲେ। ଗାଡିଚାଳକ ସଚେତନହୋଇ ନିୟମମାନି ଗାଡି ଚଳାଇଲେ ସଡ଼କ ସପ୍ତାହ ପାଳନର ଲକ୍ଷ୍ୟ ପୂରଣ ହୋଇପାରିବ ଏବଂ ଜୀବନହାନିକୁ ଏଡାଇ ଦିଆଯାଇପାରିବ ବୋଲି କ୍ୟାଡେଟମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏଥିରେ କ୍ୟାଡେଟ ସୋମ୍ୟାଶ୍ରୀ ଚିନ୍ମୟୀ, ଅଙ୍କିତା, ରାଜଲକ୍ଷ୍ମୀ, ପ୍ରତୀକ୍ଷା, ରେଶମା, ଶ୍ରୀନିଶା, ପ୍ରୀତିଜିଜ୍ଞ୍ୟାସା, ଅଭିଲିପସା, ରୁପାଲି, ଶୁଭସ୍ମିତା, ଜି. ବୁଦ୍ଧଦତ୍ତ, ଓମପ୍ରକାଶ, ସୂର୍ଯ୍ୟପ୍ରକାଶ, ସତ୍ୟରଞ୍ଜନ, ଏସ. ସତ୍ୟପ୍ରିୟ, ସାଇ ଶ୍ରୀମାନ ପ୍ରଭୃତି ସହାୟତା ପ୍ରଦାନ କରିଥିଲେ।

# ଧନିଆପଡ଼ା ରାଜକିଶୋର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ଜଗତ୍‌ସିଂହପୁର ଚାମ୍ପିଅନ୍

ମହାକାଳପଡ଼ା, ୭ା୧(ସମିସ): ମହାକାଳପଡ଼ା ବ୍ଲକ ଧନିଆପଡ଼ା ବଜ୍ରମହାକାଳୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ତ୍ରୟୋଦଶ ବାର୍ଷିକ ରାଜକିଶୋର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥି ଭାବେ ପାରାଦ୍ୱୀପ ଶ୍ରମିକ ନେତା ରାକେଶ କୁମାର ପଟ୍ଟନାୟକ, ପାରାଦ୍ୱୀପ ଟ୍ରକ୍ ମାଲିକ ସଙ୍ଘ ସଭାପତି ଆଲୋକ ପରିଡ଼ା, ଜଗନ୍ନାଥ ଟ୍ରକ ମାଲିକ ସଙ୍ଘର ସଭାପତି ରାକେଶ କୁମାର ଜେନା, ସମ୍ପାଦକ ବିଶ୍ୱରଞ୍ଜନ ପଲାଇ, କୋଷାଧ୍ୟକ୍ଷ ମାନସ ପାତ୍ର, ଉପସଭାପତି ସରୋଜ ମହାପାତ୍ର, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସିନେ ଅଭିନେତା ସୋହମ ସିଂ, ପପୁନି ଏବଂ ୟୁଟୁବର କମେଡିଆନ ରାଜୁ ଦାସ ସମ୍ମାନିତ ଅତିଥ ଠିଭାବେ ଯୋଗ ଦେଇଥିଲେ। ପାରାଦୀପ ଏଲଆଇସି କାର୍ଯ୍ୟାଳୟର ସହକାରୀ ଶାଖା ପରିଚାଳକ ବିରେନ୍ କୁମାର ଖଟୁଆ ସଭାପତିତ୍ୱ କରିଥିଲେ। ତିନି ଇଂନିଙ୍ଗସ ମ୍ୟାଚ ବିଶିଷ୍ଟ ଏହି ଫାଇନାଲ ମ୍ୟାଚରେ ଜଗତସିଂହପୁରର ନିଉ ଏଚପିସି ଦଳ ଏବଂ ରାହାମା ନାଇଟ୍ କିଲର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲ। ଦୁଇଟି ମ୍ୟାଚରେ ବିଜୟୀ ହୋଇ ଜଗତସିଂହପୁର ଦଳ ଚାମ୍ପିଅନ ହୋଇଛି।

# ବ୍ଲକ୍‌ସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ

ଡେରାବିଶ, ୭ା୧(ସମିସ): ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଯୁଗଜ୍ୟୋତି ୟୁପି ସ୍କୁଲ ପରିସରରେ ବ୍ଲକସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ କୁଇଜ୍, ପୋଷ୍ଟର ମେକିଙ୍ଗ, ପ୍ରବନ୍ଧ ଓ ସ୍ଲୋସାଇକେଲ୍ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଯୁଗଜ୍ୟୋତି ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ ମାରାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସମ୍ମାନିତ ଅତିଥିଭାବେ ଏବିଇଓ ଖଗେଶ୍ୱର ନାୟକ ଓ ସଚିକାନ୍ତ ମିଶ୍ର ଯୋଗଦେଇଥିଲେ।

# ଆଞ୍ଚଳିକ ସମସ୍ୟା ସମାଧାନ ପାଇଁ ପୂର୍ବତନ ମନ୍ତ୍ରୀଙ୍କ ସହ ଆଲୋଚନା

ଡେରାବିଶ, ୭ା୧(ସମିସ):ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ର ଆଜି ଅପରାହ୍ନରେ ଡେରାବିଶ ବ୍ଲକ ଅଞ୍ଚଳର ୨୬ ଟି ପଞ୍ଚାୟତର ଶୁଭେଚ୍ଛୁ ଓ ଜନପ୍ରତିନିଧିମାନଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଆୟୋଜନ କରିଥିଲେ। ଏହି ଉପଲକ୍ଷେ ଦୁହୁରିଆସ୍ଥିତ ତାଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସମାବେଶରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇ ଉପସ୍ଥିତ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ଏକ ପରିବାର ହୋଇ ପରସ୍ପରର ସୁଖଦୁଃଖରେ ଭାଗୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡ଼ି ନେତା ସରୋଜ ନାୟକ, ମହେନ୍ଦ୍ର ସିଂ, ଭବାନୀ ଓଝା, ହଳଧର ଦାଶ, ସୁଧିର ଖଟୁଆ, ଯୋଗାନନ୍ଦ ମହାନ୍ତି, ମିତାରାଣୀ ମଲିକ, ଶଙ୍କର୍ଷଣ ପରିଡ଼ା, ସରଳରେଖା ସାହୁ, ସୁନିତା ବଳ, ପ୍ରଶାନ୍ତ ସାମନ୍ତରାୟ, ମନୋରଞ୍ଜନ ଉପାଧ୍ୟାୟ, ଅମ୍ବିକା ରଥ, ବୈରାଗୀ ପଣ୍ଡା, ଜୟନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ରହିଥିଲେ।

- ସଡ଼କ ସୁରକ୍ଷା ସପ୍ତାହକୁ ଫୁ'

# ଅମାନିଆ ନିଶାସକ୍ତ ଅବସ୍ଥାରେ ଚଳାଉଛନ୍ତି ଗାଡ଼ି

ପାରାଦୀପ, ୭ ା୧(ସମିସ):

ଜାନୁଆରୀ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ କରାଯାଉଛି। ଜନସାଧାରଣଙ୍କୁ ସଚେତନ କରାଯିବା ନିମନ୍ତେ ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ଗାଡି ଚାଳକଙ୍କ ଉପରେ ଏହାର ପ୍ରଭାବ ପଡୁଥିବା ମନେ ହେଉନାହିଁ।ପ୍ରଶାସନର ସଚେତନତା ମୂଳକ ଅଭିଯାନ ଏକ ପ୍ରକାର ପାଣିଚିଆ ରହୁଥିବା ଅନୁମାନ କରାଯାଉଛି।ଟ୍ରକ ଡ୍ରାଇଭରଙ୍କ ଠାରୁ ଆରମ୍ଭ କରି ବାଇକ ଆରୋହୀ ପର୍ଯ୍ୟନ୍ତ ବହୁ ଚାଳକ ନିଶାଗ୍ରସ୍ତ ଅବସ୍ଥାରେ ଗାଡି ଚଳାଇଛନ୍ତି।ସେମାନଙ୍କ ପ୍ରତି ପୁଲିସର କ'ଣ ଆଭିମୁଖ୍ୟ ରହୁଛି ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।ଅନ୍ୟ ପକ୍ଷରେ ପ୍ରଶାସନ ସରକାରୀ ଟଙ୍କାରେ ସଡକ ସୁରକ୍ଷା ସପ୍ତାହ ପାଳନ କରି ନିଜର ଦାୟିତ୍ୱ ସାରିଦେଉଛି।ତେବେ ପ୍ରଶାସନ ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ପାଳନ କରିବାର ମାନେ କଣ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚଚିତ ହେଉଛି। ନୂଆବର୍ଷର ପ୍ରଥମ ଦିନରୁ ହିଁ ପାରାଦୀପ ଅଞ୍ଚଳରେ ପ୍ରାୟ ସବୁଦିନ ଦୁର୍ଘଟଣା ଘଟିଥିବା କଥା ସାମ୍ନାକୁ ଆସିଛି।୧୨୫ ନମ୍ବର ନିକଟରେ ଏକ ସିରିଜ ବାଇକ ଦୁର୍ଘଟଣା ଘଟି ୫ ଜଣ ଗୁରୁତର ହୋଇ କଟକ ଯାଇଥିଲେ।ସେହିଭଳି ଏରସମା ଥାନା ଅଧିନ ଅଞ୍ଚଳରେ ପାରାଦୀପ ଷଣ୍ଢକୂଦ ଅଞ୍ଚଳ ଜଣେ ଯୁବକଙ୍କର ବାଇକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଯୁବକ ନେହୁରବଙ୍ଗଳାରେ ସାଙ୍ଗମାନଙ୍କ ସହ ଭୋଜି ସାରି କେନ୍ଦ୍ରାପଡ଼ା ଘରକୁ ଫେରୁଥିବା ବେଳେ ତାରିଣୀ ଗଡ଼ା ନିକଟରେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।ତେବେ ଏହି ସବୁ ଘଟଣା ସଡକ ସୁରକ୍ଷା ସପ୍ତାହ ପାଳନକୁ ଫିକା ପକାଇ ଦେଇଛି।ବର୍ତ୍ତମାନ ସମୟରେ ସଡକ ସୁରକ୍ଷା ସପ୍ତାହ ପାଳନ ବେଳେ ଡ୍ରାଇଭର ମାନେ ସଚେତନତା ଥିବା ମନେ ହେଉନାହିଁ। ତଥାପି ଉକ୍ତ ସପ୍ତାହ ପାଳନ ଅବସରରେ ନାନା ପ୍ରକାର କାର୍ଯ୍ୟକ୍ରମ ଭିତରେ ରକ୍ତଦାନ ଶିବିର ଭଳି ବହୁ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପାରାଦୀପ ପୌରାଞ୍ଚଳରେ ବ୍ୟାନର ହୋର୍ଡିଂ ଲଗାଯାଇ ଜନସାଧାରଣଙ୍କୁ ସଚେତନ କରାଯାଉଛି। ବିଭିନ୍ନ ଶିଳ୍ପ ସଂସ୍ଥା ମାନଙ୍କରେ ମଧ୍ୟ ଏହାକୁ ପାଳନ କରାଯାଉଛି। ନେହୁରବଙ୍ଗଳା ଭଳି ପର୍ଯ୍ୟଟନ ସ୍ଥଳୀ ରେ ବଣଭୋଜି ପାଇଁ ଆସୁଥିବା ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।ଅଥଚ ସେମାନେ ସେ ସ୍ଥାନରେ ନିଶା ସେବନ କରୁଥିବା ବେଳେ ପୁଲିସ ସେମାନଙ୍କ ପ୍ରତି କୌଣସି ପଦକ୍ଷେପ ନେଉନାହିଁ।ଯାହା ଫଳରେ ଦୁର୍ଘଟଣା ହେଉଛି।

# କାଜୁ ବଗିଚାରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଛେଣ୍ଡିପଦା, ୭ ।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ ଗାଁ ନିକଟସ୍ଥ କାଜୁ ବଗିଚାରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ବ୍ରାହ୍ମବିଲ ଗାଁ ଜାମ୍ବୁସାହିର ଅନିଲ କୁମାର ସାହୁ। ଅନିଲ କିଛିଦିନ ହେବ ମାନସିକ ଚାପରେ ଥିଲେ। ବନବିଭାଗ କବଳରୁ ବାଲି ଟ୍ରକ ଛଡ଼ାଇନେବା ମାମଲାରେ ସେ ଛନ୍ଦି ହୋଇପଡ଼ିଥିଲେ। ସୋମବାର ମଦ ପିଇ ଜେସବିକୁ ଦ୍ରୁତଗତିରେ ଚାଳାଉଥିବା ବେଳେ ପୁଲିସ ହାତରେ ଧରାପଡ଼ିଥିଲେ। ପୁଲିସ ଜେସବି ଜବତ କରିଥିବା ବେଳେ ମଙ୍ଗଳବାର ଘର ନିକଟ ଜେନାଟାପ କାଜୁ ବଗିଚାରେ ଅନିଲଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପାରିବାରିକ କଳହ ଓ ବ୍ୟବସାୟରେ କ୍ଷତି ଯୋଗୁଁ ସେ ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା, ୭ ।୧(ସମିସ):** ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଓ ବ୍ଲକ ସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ୍ ନିମନ୍ତେ ପରାମର୍ଶ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଘନଶ୍ୟାମ ସା ପ୍ରଦାନ କରିଥିଲେ। ମାନବ ସମ୍ବଳର ବିକାଶ ସହ ଅର୍ଥନୈତିକ ସ୍ୱଚ୍ଛଳତା ପାଇଁ ଦକ୍ଷତା ବିକାଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଥିଲେ।ଚଳିତ ମାସ ୨୮ ତାରିଖରୁ ବ୍ଲକ ସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ୍ ନିମନ୍ତେ ପରାମର୍ଶ ଶିବିର ଆରମ୍ଭ ହୋଇ ଫେବୃୟାରୀ ମାସ ୧୩ ତାରିଖରେ ଏହାର ସମାପ୍ତ କରିବାକୁ ସ୍ଥିର ହୋଇଛି। ଅଧିକରୁ ଅଧିକ ଯୁବକ ଯୁବତୀ ଏହି ଶିବିରରେ ଅଂଶଗ୍ରହଣ କରି କିପରି ଜୀବନ ଧାରଣ ମାନରେ ଉନ୍ନତି ଆଣି ପାରିବେ ସେ ଦିଗରେ ନିଷ୍ଠାପର ଉଦ୍ୟମ କରିବାକୁ ସମସ୍ତ ବ୍ଲକର ବିଡିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୧୯ ଓ ୨୦ ତାରିଖରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦୟାସିନ୍ଧୁ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକ ପ୍ରମୁଖ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଓ ବ୍ଲକ ସ୍ତରୀୟ ପରାମର୍ଶ ଶିବିରକୁ ସଫଳ ରୂପେ ଆୟୋଜନ କରିବା ନିମନ୍ତେ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା।

## କେନ୍ଦ୍ରମନ୍ତ୍ରୀଙ୍କ ଆକାଂକ୍ଷୀ ଜିଲ୍ଲା ପରିଦର୍ଶନ

# କଳାକୃତିର ଗ୍ରାମ ସଦେଇବେରେଣୀରେ ଡୋକ୍ରା କାର୍ଯ୍ୟ ଦେଖିଲେ

**ଢେଙ୍କାନାଳ, ୭ ।୧(ସମିସ):**



ଢେଙ୍କାନାଳକୁ ଆକାଂକ୍ଷୀ ଜିଲ୍ଲା ଭାବେ କେନ୍ଦ୍ର ସରକାର ସ୍ଥାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାରେ ହେଉଥିବା ବିଭିନ୍ନ କାର୍ଯ୍ୟର ମଙ୍ଗଳବାର ସମୀକ୍ଷା କରିଛନ୍ତି କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ ଖଡସେ। ଏଥିସହ କଳାକୃତିର ଗ୍ରାମ ସଦେଇବେରେଣୀ ଗସ୍ତ କରି ଡୋକ୍ରା କାର୍ଯ୍ୟ ଦେଖିବା ସହ ଏହାର ପ୍ରଶଂସା କରିଛନ୍ତି।

ପ୍ରମୁଖ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏଡିପି ଅଧୀନରେ ମନ୍ତ୍ରୀରକ୍ଷା ଖଡସେ ମଙ୍ଗଳବାର ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ଗସ୍ତ କରିଛନ୍ତି। ସଂଘୀୟ-ସହଯୋଗ ଭାବନାରେ ରାଜ୍ୟମାନଙ୍କୁ ମୁଖ୍ୟ ଚାଳକ ଭାବେ ଅନ୍ତର୍ଭୁକ୍ତ କରି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ଜିଲ୍ଲାର ଶକ୍ତିବୃଦ୍ଧି, ତ୍ୱରିତ ବିକାଶ ଅପେକ୍ଷାରେ ଥିବା କ୍ଷେତ୍ର ଚିହ୍ନଟ ତଥା ବିକାଶଧାରାର ଅନୁଶୀଳନ ପ୍ରଭୃତି ଏହି କାର୍ଯ୍ୟକ୍ରମର ପ୍ରମୁଖ ବିନ୍ଦୁ ଭାବେ ଅଂଶବିଶେଷ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଖଡ୍‌ସେ ସ୍ୱାସ୍ଥ୍ୟ ଓ ପୋଷଣ, କୃଷି, ଜଳସମ୍ପଦ, ଆର୍‌ôଥକ ଅନ୍ତର୍ଭୁକ୍ତୀକରଣ ଓ ଦକ୍ଷତା ବୃଦ୍ଧି ଏବଂ ଭିତ୍ତିଭୂମି ପ୍ରଭୃତି ୫ଟି ସାମାଜିକ ଆର୍‌ôଥକ ବିଷୟବସ୍ତୁ ଅଧୀନରେ ୪୯ଟି ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ କେପିଆଇର ଅଗ୍ରଗତି ବିଷୟ ସମୀକ୍ଷା କରିଥିଲେ। କାମାକ୍ଷାନଗର ସାରଙ୍ଗଧର ହାଇସ୍କୁଲରେ ଡିଜିଟାଲ ରିଡିଂ ରୁମ୍, ପିଏମ୍ ଜନମନ ଆବାସ ପ୍ରକଳ୍ପ, ମନରେଗାର ସ୍ଥିତି, ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ପରିମଳ ପ୍ରକଳ୍ପ, ଗୋଷ୍ଠୀ ନିବେଶ ପାଣ୍ଠିର ଉପଯୋଗ ଏବଂ ଆୟୁଷ୍ମାନ ଭାରତ, ସ୍ମାର୍ଟ କ୍ଲାସରୁମ୍ ଅଧୀନରେ କଭରେଜ୍ ସମେତ ଇ-ଲାଇବ୍ରେରୀ, ସ୍ମାର୍ଟ ବୋର୍ଡ ଆଦି ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ଜିଲ୍ଲାରେ ଉଦ୍ୟାନ କୃଷି କ୍ଷେତ୍ର ବିଶେଷ କରି ଆମ୍ବ ଓ ଛତୁ ଉତ୍ପାଦନ ତଥା ବିଦେଶୀ ଫଳ ଚାଷ ପାଇଁ ନିଆଯାଇଥିବା ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ଏବେ ୯୮ ପ୍ରତିଶତ ସ୍କୁଲରେ ଟ୍ୟାପ୍ ପାଣି ସଂଯୋଗ ଥିବାରୁ ସେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଥିଲେ।

ଏହାବ୍ୟତୀତ ଆଦିବାସୀ ଓ ପିଭିଟିଜି ପରିବାରଗୁଡ଼ିକର ସଶକ୍ତୀକରଣ ଉଦ୍ଦେଶ୍ୟରେ କ୍ଷୁଦ୍ର ଜଳସେଚନ ଯୋଜନାର ମଧ୍ୟ ସମୀକ୍ଷା କରାଯାଇଥିଲା। ଏହି ପଦକ୍ଷେପଗୁଡ଼ିକର ପ୍ରଭାବ ଆକଳନ କରିବା ପାଇଁ ମନ୍ତ୍ରୀ ଜିଲ୍ଲା ଅଧିକାରୀ ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ସଦର ବ୍ଲକ ଅନ୍ତର୍ଗତ କଳାକୃତି ଗ୍ରାମ ସଦେଇବେରେଣୀ ପରିଦର୍ଶନ କରିଥିଲେ। ଶେଷରେ ଜିଲ୍ଲାପରିଷଦ ହଲରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସମ୍ପଦ, ଦକ୍ଷତା ବିକାଶ, ଭିତ୍ତିଭୂମି ଉପରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟ ପାଇଁ ୧କୋଟି ୪୫ ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ବେଳେ ସ୍ମାଟ କ୍ଲାସ ପାଇଁ ୧କୋଟି ୨୨ ଲକ୍ଷ ୪୦ ହଜାର ଟଙ୍କା, କଙ୍କଡ଼ାହାଡ଼ ବ୍ଲକ ଝିଲ୍ଲି ପଞ୍ଚାୟତ ଟମ୍ପେଇ ଗ୍ରାମରେ ୩୨ ଲକ୍ଷ ୬୦ ହଜାର ଟଙ୍କାରେ ପାନୀୟ ଜଳ ପ୍ରକଳ୍ପ ସହ କୃଷି, ସ୍ୱାସ୍ଥ୍ୟ ପାଇଁ ଆସିଥିବା ବିଭିନ୍ନ ଅନୁଦାନ କିପରି ବିନିଯୋଗ ହେଉଛି ତାହାର ସମୀକ୍ଷା କରିଥିଲେ। କାର୍ଯ୍ୟଗୁଡ଼ିକ ଦେଖି ସେ ସନ୍ତୋଷ ବ୍ୟକ୍ତ କରିଥିଲେ। କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସମନ୍ୱୟ ରହିଲେ ବିକାଶ ଅଧିକ ହେବ ବୋଲି କହିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ସାଂସଦ ରୁଦ୍ରନାରାୟଣ ପାଣି, ବିଧାୟକ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

# ଆଜି ଖୋଲିବ ଏଡିଜେ କୋର୍ଟ

**ପଟ୍ଟାମୁଣ୍ଡାଇ, ୭ ।୧(ସମିସ):** ଦୀର୍ଘ ଦିନର ଦାବି ପରେ ପଟ୍ଟାମୁଣ୍ଡାଇରେ ଖୋଲିବାକୁ ଯାଉଛି ଏଡିଜେ କୋର୍ଟ। ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ରାଜକନିକା ପ୍ରଭୃତି ଅଞ୍ଚଳର ଜଣ ସାଧାରଣଙ୍କୁ ସହଜ ଓ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ପଟ୍ଟାମୁଣ୍ଡାଇ ଠାରେ ଏଡିଜେ କୋର୍ଟ ଖୋଲିବା ନେଇ ପୂର୍ବରୁ ଉଚ୍ଚ ନ୍ୟାୟାଳୟ ସବୁଜ ସଙ୍କେତ ପ୍ରଦାନ କରିସାରିଥିବା ବେଳେ ଆନୁସଙ୍ଗିକ ବ୍ୟବସ୍ଥା ଓ କର୍ମଚାରୀ ନିଯୁକ୍ତି ପାଇଁ ସରକାରୀ ନିଷ୍ପତିକୁ ଅପେକ୍ଷା ରହିଥିଲା। ତେବେ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇଠାରେ ଏଡିଜେ କୋର୍ଟ ଖୋଲିବା ନେଇ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବା ପରେ କୋର୍ଟ ଖୋଲିବା ନେଇ ସମସ୍ତ ପଥ ପରିଷ୍କାର ହୋଇଥିଲା।

## ଭର୍ଚୁଆଲ ମୋଡ୍‌ରେ ହେବ ଉଦ୍‌ଘାଟନ

ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ୮ ତାରିଖ ୯ ଟା ୪୫ ମିନିଟ ସମୟରେ ଭର୍ଚୁଆଲ୍ ମୋଡ଼ରେ କୋର୍ଟ ଉଦଘାଟନ ହେବା ନେଇ ସମୟ ନିର୍ଘଣ୍ଟ ହୋଇଛି। ଉଚ୍ଚ ନ୍ୟାୟାଳୟଙ୍କ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ମାନ୍ୟବର ଚକ୍ରଧରି ଶରଣ ସିଂହ ପଟ୍ଟାମୁଣ୍ଡାଇ ଏଡିଜେ କୋର୍ଟ ଉଦଘାଟନ କରିବେ।ଏହି ଉଦଘାଟନ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଜଜ ଏସ କେ ପାଣିଗ୍ରାହୀଙ୍କ ସମେତ ଅନ୍ୟ ବିଚାରପତି ଓ ପଦାଧିକାରୀ ମାନେ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ସଭାପତି ତପନ କୁମାର ମିଶ୍ର ଉଦଘାଟନ କାର୍ଯ୍ୟକ୍ରମରେ ବାରଆସୋସିଏସନର ସମସ୍ତ କର୍ମକର୍ତ୍ତାଙ୍କ ସମେତ ସଭ୍ୟମାନେ ଉପସ୍ଥିତ ରହି ସହଯୋଗ ଓ ସଞ୍ଚାଳନ କରିବା ପାଇଁ ନିବେଦନ କରିବା ସହିତ ନୋଟିସ ଜାରି କରିଛନ୍ତି। ଏଡିଜେ କୋର୍ଟ ଉଦଘାଟନ ହେଉଥିବାରୁ ବାରଆସୋସିଏସନର ପୂର୍ବତନ ସଭାପତି ତଥା ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀସୂର୍ଯ୍ୟ ରଞ୍ଜନ ରାଉଳ, ପଟ୍ଟାମୁଣ୍ଡାଇ କୋର୍ଟ ବାର ଆସୋସିଏସନର ସଭାପତି ଆଡଭୋକେଟ ତପନ ମିଶ୍ର, ସମ୍ପାଦକ ରବୀନ୍ଦ୍ର ଦାଶ, ସୁରେଶ କୁମାର ନରେନ୍ଦ୍ର, ଯୁଗ୍ମ ସମ୍ପାଦକ ମନୋଜ କୁମାର ନାୟକ, କୋଷାଧକ୍ଷ ଧୀରେନ୍ଦ୍ର ନାଥ ସାହୁ, ପାଠାଗାର ସମ୍ପାଦକ ପ୍ରକାଶ କୁମାର ପାତ୍ର ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

# କୂଅରୁ ନାଗସାପ ଉଦ୍ଧାର

**ଅନୁଗୋଳ, ୭ ।୧(ସମିସ):** ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ବିଟ୍ ଗଡ଼ମଣ୍ଡଳ ଗାଁ ସ୍କୁଲ କୂଅରେ ପଡ଼ିଯାଇଥିବା ଏକ ନାଗସାପକୁ ଉଦ୍ଧାର କରାଯାଇଛି। ସାପଟି କୂଅରେ ପଡ଼ିଯାଇଥିବା ଖବର ପାଇ ବନ କର୍ମଚାରୀ ଓ ସର୍ପମିତ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ। ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି ପାଖ ଜଙ୍ଗଲରେ ଛାଡ଼ିଥିଲେ। ଉଦ୍ଧାର କାର୍ଯ୍ୟରେ ଫରେଷ୍ଟ ଗାର୍ଡ ଗୀତା ମାଝୀ, ଗଜମିତ୍ର ଭ୍ରମର ସାହୁ, କୃଷ୍ଣ ମାଝୀ, ହାତୀ ସ୍କ୍ୱାଡ୍ ସନାତନ ସ୍ୱାଇଁ ଓ ସର୍ପମିତ୍ର ହିମାଂଶୁ ଭୂଷଣ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।



# ମଦନମୋହନଜୀଉ ମନ୍ଦିରରୁ ଚୋରି



**କେନ୍ଦ୍ରାପଡ଼ା, ୭ ।୧(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଗୁଲନଗର ପଞ୍ଚାୟତ ଅନ୍ତର୍ଗତ ସୁଜନଗର ଗ୍ରାମର ମଦନମୋହନ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଗହଣା ଚୋରି ହୋଇଯାଇଛି ବୋଲି ସଦର ଥାନରେ ଅଭିଯୋଗ ହୋଇଛି। ଗତ ସୋମବାରଦିନ ବିଳମ୍ବିତ ରାତିରେ ଦୃବୃର୍ତ୍ତମାନେ ମନ୍ଦିରର ତାଲାଭାଙ୍ଗି ମଦନମୋହଜୀଉଙ୍କ ୫ଟି ରୁପା ମୁକୁଟ, ବଂଶୀ, ଚୁଡି ସହିତ ବହୁ ମୂଲ୍ୟବାନ ଗହଣା ଚୋରି ହୋଇଛି। ଏଥି ସହିତ ମନ୍ଦିର ଭିତରେ ଥିବା ଦାନ ବାକ୍ସକୁ ଭାଙ୍ଗି ପ୍ରାୟ ୫ହଜାର ଉର୍ଦ୍ଧ୍ୱ ଟଙ୍କା ଦୃବୃର୍ତ୍ତମାନେ ନେଇଯାଇଛନ୍ତି। ସେହିପରି ସ୍ଥାନୀୟ ଏକ ତେଜରାତି ଦୋକାନର ତାଲା ଭାଙ୍ଗି ଭିତରେ ଥିବା ଟଙ୍କା ବାକ୍ସ ନେଇଯାଇଛନ୍ତି। କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ୨୭ତାରିଖ ବିଳମ୍ବିତ ରାତିରେ ଏହି ପଞ୍ଚାୟତରେ ଥିବା ମଙ୍ଗଳା ମନ୍ଦିର ଓ ଫଗୁଦାସ ମନ୍ଦିରରୁ ମଧ୍ୟ ଚୋରି ହୋଇଥିଲା। କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ କଡାକଡି କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ସାତକୋଶିଆରେ କୁମ୍ଭୀର ଗଣନା ଆରମ୍ଭ

**ଅନୁଗୋଳ, ୭ ।୧(ସମିସ):** ସାତକୋଶିଆ ଗଣ୍ଡରେ କୁମ୍ଭୀର ଗଣନା ଆରମ୍ଭ ହୋଇଛି। ତିନିଦିନ ଧରି ଗଣନା ଚାଲିବ। ଏଣୁ ୧୭ ଓ ୧୮ ତାରିଖ ପର୍ଯ୍ୟାୟ କ୍ରମେ ସାତକୋଶିଆ ଗଣ୍ଡରେ ପର୍ଯ୍ୟଟକଙ୍କୁ ବୋଟିଂ ପାଇଁ ବାରଣ କରାଯାଇଛି। ପକ୍ଷୀ ଓ କୁମ୍ଭୀର ଗଣନା ପାଇଁ ୧୪ଟି ୟୁନିଟ ଗଠନ ହୋଇଥିବା ବେଳେ ପ୍ରତି ୟୁନିଟରେ ୫ ଜଣ ଅଛନ୍ତି।

**● ପର୍ଯ୍ୟଟକଙ୍କୁ ବୋଟିଂ ମନା**

ସାତକୋଶିଆ ବନଖଣ୍ଡ ଅଧିକାରୀ ଡା. ସରୋଜ ପଣ୍ଡା କହିଛନ୍ତି, ମୋଟ ୪ଟି ବନଖଣ୍ଡକୁ ନେଇ ୧୪ଟି ୟୁନିଟ ଗଠନ କରାଯାଇଛି। ୧୨ଟି ଦେଶୀ ଡଙ୍ଗା ଓ ୨ଟି ବୋଟ ସାହାଯ୍ୟରେ ଏହି ଗଣନା କରାଯିବ। ୯ ତାରିଖ ପର୍ଯ୍ୟନ୍ତ ସାତକୋଶିଆ ମହାନଦୀ ଗଣ୍ଡ ପର୍ଯ୍ୟଟକଙ୍କ ପାଇଁ ବୋଟିଂ ବନ୍ଦ ରହିବ ବୋଲି ଡା. ପଣ୍ଡା କହିଛନ୍ତି। ତିନିଦିନ କୁମ୍ଭୀର ଗଣନା ଓ ୧୮ ତାରିଖରେ ପକ୍ଷୀ ଗଣନା କରାଯିବ। ପକ୍ଷୀ ଗଣନା ଗୋଟିଏ ଦିନ ହେଉଥିଲେ ମଧ୍ୟ ୧୭ ତାରିଖ ମଧ୍ୟ ଟିକରପଡ଼ା ବନ୍ଦ ରହିବ। ସେହିପରି ପକ୍ଷୀ ଓ କୁମ୍ଭୀର ଗଣନା ସମୟରେ ସ୍ଥାନୀୟ ମାଛ ଧରାଳିଙ୍କୁ ବନ ବିଭାଗ ପକ୍ଷରୁ ନଦୀକୁ ନ ଯିବାକୁ ବାରଣ କରାଯାଇଛି।

# କୈଳାସ ଚନ୍ଦ୍ର ମଲିକ ରାଜକନିକାର ନୂଆ ବିଡିଓ

**ରାଜକନିକା, ୭ ।୧(ସମିସ):** ଦୀର୍ଘ ଦୁଇ ମାସ ହେବ ରାଜକନିକାରେ ବିଡ଼ିଓ ପଦ ଖାଲି ପଡ଼ିଥିବା ବେଳେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆଜି ପ୍ରକାଶିତ ବଦଳି ତାଲିକାରେ ବିଂଝାରପୁରର ତହସିଲଦାର କୈଳାସ ଚନ୍ଦ୍ର ମଲିକଙ୍କୁ ରାଜକନିକା ବିଡ଼ିଓ ଭାବରେ ଅବସ୍ଥାପିତ କରାଯାଇଥିବା ଜଣା ପଡ଼ିଛି। ନୂଆ ବିଡ଼ିଓଙ୍କ ଯୋଗଦାନ ପରେ ଉନ୍ନୟନ କାମରେ ନିୟମିତତା ରହିବା ଆଶା କରାଯାଉଛି।

# ରେଳଧାରଣାରୁ ଅଜଣା ମୃତଦେହ ଉଦ୍ଧାର

**ତାଳଚେରସଦର, ୭ ।୧(ସମିସ):** ମଙ୍ଗଳବାର ଭୋର ସମୟରେ ତାଳଚେର ଷ୍ଟେସନ ନିକଟ ରେଳଧାରଣାରୁ ଅଜଣା ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର କରିଛି ପୁଲିସ। ବ୍ୟକ୍ତି ଜଣକ ସେହି ଅଞ୍ଚଳରେ ୪/୫ଦିନ ହେବ ଘୂରି ବୁଲୁଥିଲେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେବେ ତାଙ୍କ ପରିଚୟ ମିଳିନାହିଁ। ସେ କିପରି ରେଳଧାରଣାରେ କଟି ମୃତ୍ୟୁବରଣ କଲେ ତାହା ଅସ୍ପଷ୍ଟ ରହିଛି।

# ୬ଶହ ଲିଟର ଦେଶୀମଦ ସହ କାର୍ ଜବତ

**ତାଳଚେରସଦର, ୭ ।୧(ସମିସ):** ଅନୁଗୋଳ ଅବକାରୀ ବିଭାଗ ସ୍କ୍ୱାଡ୍ ପକ୍ଷରୁ ମଙ୍ଗଳବାର ଆକର୍ତିତ ଚଢ଼ଉ କରାଯାଇ ୬ଶହ ଲିଟର ଦେଶୀମଦ ସହ ଏକ କାର ଜବତ କରାଯାଇଛି। ମଦ କାରବାରରେ ସମ୍ପୃକ୍ତି ଅଭିଯୋଗରେ ଜଣଙ୍କୁ ଗରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ତାଳଚେର ବ୍ଲକ ଥର୍ମାଲ ଅନ୍ତର୍ଗତ ବଙ୍ଗୁ ଗ୍ରାମର ରାକେଶ ନାଏକ। ବଙ୍ଗୁ ଗ୍ରାମ ଦେଇ ଏକ ଅଲ୍‌ଟୋ କାରରେ ୧୧ ଜାରକିନ୍‌ରେ ପ୍ରାୟ ୬ଶହ ଲିଟର ଦେଶୀମଦ ଚାଲାଣ ହେଉଥିବା ଖବର ପାଇ ସ୍କ୍ୱାଡ୍ ସେଠାରେ ଜଗି ରହିଥିଲା। ରାକେଶ ମଦ ନେଇ ଯାଉଥିବା ବେଳେ ସ୍କ୍ୱାଡ୍ ଆତର୍କିତ ଚଢ଼ଉ କରିଥିଲା। ରାକେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚଢ଼ଉରେ ଅବକାରୀ ବିଭାଗ ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଏସଆଇ ସମୀର ମହାଲିକ, ସନ୍ତୋଷ ସେନାପତି, ସୁକୁଲ ହେମରମ, ସୁରେଶ ପାଲ, ମମତା ପଲେଇଙ୍କ ସମେତ କର୍ମଚାରୀମାନେ ସାମିଲ ଥିଲେ।

**ଜଣେ ଗିରଫ**

**● ୬୫୨ ଚାଷୀଙ୍କ ନାମ ପଞ୍ଜିକୃତ**

# ୪୩ଜଣଙ୍କ ସୂଚନା ମୋବାଇଲରେ ଆସିଲା



**ଗଁଦିଆ, ୭ ।୧(ସମିସ):** ଗଁଦିଆ ବ୍ଲକ ଲାଉଲଇ ସେବା ସମବାୟ ସମିତିରେ ୬୫୨ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଛନ୍ତି। ମାତ୍ର ମଙ୍ଗଳବାର ସୁଦ୍ଧା ମାତ୍ର ୪୩ ଜଣଙ୍କ ଧାନକ୍ରୟ ପାଇଁ ମୋବାଇଲରେ ସୂଚନା ଆସିଛି। ଏ ସମ୍ପର୍କରେ ଚାଷୀମାନେ ସେବା ସମବାୟ ସମିତି ସହ ଯୋଗାଯୋଗ କରିଥିଲେ। ଓଟିପି ପଠାଯାଉଛି ମାତ୍ର ଏହାର କୌଣସି ଉତ୍ତର ମିଳିପାରୁନାହିଁ। ଶେଷରେ ଲେଖା ଆସୁଛି 'ମେସେଜ ପଠାଯାଉଛି'। ଆହୁରି ମଧ୍ୟ ଏହି ସେବା ସମବାୟ ସମିତିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତଥା ନିୟନ୍ତ୍ରିତ ବଜାର କମିଟି ଢେଙ୍କାନାଳର ଏକ ଟୋଲ ଫ୍ରି ନମ୍ବର ଦିଆଯାଇଛି। ସେହି ନମ୍ବରରେ ଫୋନ କଲେ ତାହା ବ୍ୟସ୍ତ ବୋଲି ଉଲ୍ଲେଖ କରୁଛି। ଫଳରେ ଚାଷୀମାନେ ଆଗୁଆ ଧାନ ବିକ୍ରି ପାଇଁ ପଞ୍ଜିକୃତ କରି ମେସେଜ ନ ପାଇ ଅନ୍ଧାରରେ ରହିଛନ୍ତି। ତାଙ୍କର କେତେ ଧାନ ବିକ୍ରି ପାଇଁ ମେସେଜ ଆସିବ ଓ ତାରିଖ କେବେ ହେବ ଏ ଦିଗରେ ଜିଲ୍ଲାପାଳ ଓ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପଦକ୍ଷେପ ନେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

# ଆଳି ଶିଶୁ ମନ୍ଦିର ଛାତ୍ର ପଠାଣୀ ସାମନ୍ତ ମେଧାବୃତ୍ତିରେ ବ୍ଲକ ଟପ୍ପର



**ଆଳି, ୭ ।୧(ସମିସ):** ଆଳିବ୍ଲକ ଅନ୍ତର୍ଗତ ଶାଳିଅଞ୍ଚ ଗ୍ରାମର ଶ୍ରେୟାନସ ରାଉତ ୨୦୨୨-୨୩ ଶିକ୍ଷାବର୍ଷର ୬ଷ୍ଠ ଶ୍ରେଣୀ ପଠାଣୀ ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ସର୍ବାଧିକ ମାର୍କ ରଖି ଆଳି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିବାର କୃତିତ୍ୱ ଅର୍ଜନ କରିଛନ୍ତି। ଆଳି ଅଞ୍ଚଳର ସର୍ବ ପୁରାତନ ବେସରକାରୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷଷ୍ଠ ଶ୍ରେଣୀର ଛାତ୍ର ଭାବେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଶାଳିଅଞ୍ଚ ଗ୍ରାମର ଶରତ ରାଉତ ଓ ରଞ୍ଜୁଲତା ସ୍ୱାଇଁଙ୍କ ପୁତ୍ର। ବର୍ତ୍ତମାନ ସେ ଆଳି ଆଦର୍ଶ ବିଦ୍ୟାଳୟରେ ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି।

## ପ୍ରଧାନଶିକ୍ଷକଙ୍କ ବଦଳି ଦାବି

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ



**ବଇଣ୍ଡା, ୭ ।୧(ସମିସ):**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତଲେଇପଥର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ସାହୁଙ୍କୁ ଅନ୍ୟତ୍ର ବଦଳି ପାଇଁ ଗ୍ରାମବାସୀ ଦାବି କରିଆସୁଛନ୍ତି। ଦାବି ପୂରଣ ହେଉ ନ ଥିବାରୁ ମଙ୍ଗଳବାର ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଫଳରେ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରଧାନଶିକ୍ଷକ ସାହୁ ବିଦ୍ୟାଳୟକୁ ଆସୁଥିବା ଅନେକ ସରକାରୀ ଅର୍ଥ କାରବାରରେ ଅନିୟମିତତା କରୁଛନ୍ତି। ଏପରିକି ମଧ୍ୟାହ୍ନଭୋଜନ ଚାଉଳ ବାଟମାରଣା କରୁଛନ୍ତି। ଏ ନେଇ ଗ୍ରାମବାସୀ ଡିସେମ୍ବର ୪ରେ ଆଠମଲ୍ଲିକ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରଧାନଶିକ୍ଷକ ସାହୁଙ୍କୁ ଅନ୍ୟତ୍ର ବଦଳି କରି ନୂଆ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ। ହେଲେ ଇତିମଧ୍ୟରେ ଏକମାସ ବିତିଯାଇଥିଲେ ମଧ୍ୟ ଶିକ୍ଷା ବିଭାଗ ଦାବି ଉପରେ ବିଚାର କରି ନ ଥିବାରୁ ମଙ୍ଗଳବାର ଦିନ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ।

ବିଦ୍ୟାଳୟରେ ୯୬ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ତାଲା ପଡ଼ିବା ଯୋଗୁଁ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ତୁରନ୍ତ ପ୍ରଧାନଶିକ୍ଷକଙ୍କୁ ବଦଳି କରିବା ପାଇଁ ଗ୍ରାମର ପ୍ରହଲ୍ଲାଦ ଭୋଇ, ପୀତବାସ ନାୟକ, ଦୀପାଞ୍ଜଳି ମିର୍ଧା, ଗୋପୀନାଥ ଭୋଇ, ବିମଳା ମିର୍ଧା, ବାବୁଲି ନାୟକ, ମମତା ନାୟକ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟାଳୟ ଅନୁଦାନରେ କୌଣସି ଅନିୟମିତତା ହୋଇନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଟନ୍ତି। ଆଠମଲ୍ଲିକ ବିଇଓ ଦାଶରଥି ଶୁଣ୍ଠୀ କହିଛନ୍ତି, ଏହି ବିଦ୍ୟାଳୟରୁ କିଛିମାସ ତଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏପରିକି ଉକ୍ତ ଶିକ୍ଷକଙ୍କ ନାମରେ ଅଭିଯୋଗ ଆସିବା ପରେ ବଦଳି କରାଯାଇଥିଲା। ପୁଣି ପ୍ରଧାନଶିକ୍ଷକଙ୍କ ନାମରେ ଅଭିଯୋଗ ଆସିଛି। ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ବିଇଓ କହିଛନ୍ତି।

# ସରକାରୀ ଅନୁଦାନ ପାଇଁ ଅଧ୍ୟାପକଙ୍କ ଦସ୍ତଖତ ଅଭିଯାନ

**ଯୋରନ୍ଦା, ୭ ।୧(ସମିସ):** ଗଁଦିଆ ବ୍ଲକ ଯୋରନ୍ଦା ମହିମା ମହାବିଦ୍ୟାଳୟରେ ୨୦୦୮ ରୁ ୨୦୧୮ ମଧ୍ୟରେ କଲେଜ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନେ ସରକାରଙ୍କଠାରୁ ଅନୁଦାନ ପାଇବା ଦାବି କରି ସାଧାରଣ ନାଗରିକଙ୍କଠାରୁ ଦସ୍ତଖତ ସଂଗ୍ରହ ଅଭିଯାନରେ ସାମିଲ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଅଧ୍ୟାପକ



ଓ କର୍ମଚାରୀ ସଂଘ ପକ୍ଷରୁ ଦସ୍ତଖତ ଅଭିଯାନରେ ସାମିଲ ହୋଇ କଲେଜ ସଂଯୋଜକ କାଳନ୍ଦୀ ଚରଣ ପଣ୍ଡା, ଢେଙ୍କାନାଳ ଖଣ୍ଡ ସଂଯୋଜକ ଦିଲୀପ କୁମାର ପଣ୍ଡା ତଥା ଅଧ୍ୟାପକ ଇପିଲି ଶିବଶଙ୍କର, ଶିମନ୍ତ କୁମାର ବେହେରା, ସୌମ୍ୟକାନ୍ତ ସାହୁ, ପ୍ରତ୍ୟୁଷ ଶତପଥୀ, ଜୟନ୍ତ କୁମାର ନାୟକ, ଅଧ୍ୟାପିକା ଗୀତାଞ୍ଜଳି ମହାରଣା ଓ ସନ୍ଦିପ୍ତା ଶୁଭଦର୍ଶିନୀଙ୍କ ନେତୃତ୍ୱରେ ଅଧ୍ୟାପକ ଓ କର୍ମଚାରୀମାନେ ଯୋରନ୍ଦା ଅଞ୍ଚଳର ମହିମା ଆଶ୍ରମ ସମେତ ବିଭିନ୍ନ ବଜାର ଅଞ୍ଚଳରେ ଦସ୍ତଖତ ସଂଗ୍ରହ କରୁଛନ୍ତି। ସ୍ୱଳ୍ପ ଦରମାରେ ଅଧ୍ୟାପକ ଓ କର୍ମଚାରୀମାନେ ଅଧ୍ୟାପନା, ଖାତା ମୂଲ୍ୟାୟନ ସହ ନିର୍ବାଚନ କାର୍ଯ୍ୟ ମଧ୍ୟ ତୁଲାଉଛନ୍ତି। ସରକାର ସେମାନଙ୍କୁ ଅନୁଦାନ ଦେବା ସହ ସୁବିଧା ସୁଯୋଗ ଦେବା ପାଇଁ ଦାବି ସପକ୍ଷରେ ଜନସାଧାରଣଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବ ବୋଲି କହିଛନ୍ତି।

